**ସଂକ୍ଷେପରେ**

## ଜମିପଟ୍ଟା ନ ଦେଲେ ଭୋଟ ବର୍ଜନ କରିବେ ବସ୍ତିବାସିନ୍ଦା

ଭୁବନେଶ୍ୱର, ୪।୫ (ବନ୍ଦନା ସେଠୀ)

ଓଡ଼ିଶାର ୫ଟି ମହାନଗର ନିଗମ ଯଥା ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲା ମହାନଗର ନିଗମ ସମେତ ୧୦୦ରୁ ଊର୍ଦ୍ଧ୍ୱ ମ୍ୟୁନିସିପାଲିଟି ଓ ଏନ୍‌ଏସିରେ ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ପ୍ରଦାନ ଦାବିରେ ଓଡ଼ିଶା ବସ୍ତି ସଂଘର୍ଷ ସମିତି ୧୮ ବର୍ଷ ହେବ ଆନ୍ଦୋଳନ କରିଆସୁଛି। ମାତ୍ର ରାଜ୍ୟ ସରକାର ସେମାନଙ୍କୁ ଜମିପଟ୍ଟା ଦେବା ବଦଳରେ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରି ଭଣ୍ଡାଇବାକୁ ଚେଷ୍ଟା କରୁଛନ୍ତି। ଏହାକୁ ନେଇ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେବେ ଆଗକୁ ନିର୍ବାଚନ ଥିବାରୁ ଜମିପଟ୍ଟା ନ ଦେଲେ ବସ୍ତିବାସିନ୍ଦା ଭୋଟ୍ ଦେବେ ନାହିଁ ବୋଲି ଅଡି ବସିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ବସ୍ତି ସଂଘର୍ଷ ସମିତି ପକ୍ଷରୁ ରାଜ୍ୟ ସଭାପତି ପ୍ରତାପ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନବୀନ ନିବାସ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି। ଜମିପଟ୍ଟା ନ ଦେଲେ ୨୦୨୪ ସାଧାରଣ ନିର୍ବାଚନାରେ ବସ୍ତିବାସିନ୍ଦା ଉଚିତ ଜବାବ ଦେବେ ବୋଲି ପ୍ରତାପ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ସମସ୍ତ ମହାନଗର ନିଗମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଘରଗୁଡିକ ମଧ୍ୟ ବାସୋପଯୋଗୀ ନୁହେଁ ବୋଲି ଅଭିଯୋଗ କରାଯାଇଛି। ଏପରିକି ଅନେକ ଘର ନିମ୍ନମାନର ତିଆରି ହୋଇଥିବାରୁ ଭୂମିକମ୍ପ ହେଲେ ସେହି ଘରଗୁଡ଼ିକ ଭାଙ୍ଗିଯିବା ସହ ହଜାର ହଜାର ନିରୀହ ବସ୍ତିବାସିନ୍ଦା ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ରହିଛି। ମାତ୍ର ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟସରକାର ବସ୍ତିବାସିନ୍ଦାଙ୍କୁ ଅଣଦେଖା କରୁ ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି।

## ୧୦ଲକ୍ଷ ଟଙ୍କାର ହେରୋଇନ ଜବତ, ମହିଳାଙ୍କ ସମେତ ୨ ଗିରଫ

ଭୁବନେଶ୍ୱର,୪।୫ (ସୂର୍ଯ୍ୟକାନ୍ତ ବେହେରା)

ବେଆଇନ ଭାବେ ନିଶାଦ୍ରବ୍ୟ ପାଖରେ ରଖି ବେପାର ପାଇଁ ଗ୍ରାହକ ଅପେକ୍ଷାରେ ଥିବାବେଳେ ଅବକାରୀ ଟିମ ଖଣ୍ଡଗିରି ଓ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଚଢାଉ କରି ମହିଳାଙ୍କ ସମେତ୨ ନିଶାବେପାରୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଡେଲଟା ଛକ ଅଞ୍ଚଳର ଗଣେଶ ସେଠୀ ଓ ସୁନ୍ଦରପଦାର ପ୍ରଭାତୀ ଭୋଇ। ଉଭୟଙ୍କଠାରୁ ମୋଟ ୧୦୩ ଗ୍ରାମ ହେରୋଇନ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଅଧିକ ଟଙ୍କା ହେବ। ଜାମିନ ନ ମିଳିବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତେବେ ସେମାନେ ହେରୋଇନ କେଉଁଠାରୁ ଆଣିଲେ ଓ କାହାକୁ ଯୋଗାଉଥିଲେ ଏସବୁ ତଥ୍ୟ ଜାଣିବା ପାଇଁ ଅବକାରୀ ଟିମ ଅଧିକ ତଦନ୍ତ ଜାରି ରଖିଛି।

# ଇଣ୍ଡିଆନ ସ୍କିମର୍‌ର ବଂଶବୃଦ୍ଧି ଉଦ୍ୟମ

### ୮୨ ଅଣ୍ଡା ଦେଲେ, ୩୫ ଛୁଆ ଫୁଟି ବାହାରିଲେ

### କଖଡ଼ି ମହାନଦୀ ଅବବାହିକାରେ ୧୬୫ ପାଣିଚିରି





ଖୁଣ୍ଟୁଣୀ, ୪।୫(ସଚ୍ଚିଦାନନ୍ଦ ପଣ୍ଡା)

ପୃଥିବୀରେ ଇଣ୍ଡିଆନ୍ ସ୍କିମର ବା ପାଣିଚିରି ଏକ ବିରଳ ପ୍ରଜାତିର ପକ୍ଷୀ। ବିଶ୍ୱରେ ପକ୍ଷୀ ଗଣନା ଅନୁସାରେ ଏହି ପକ୍ଷୀର ସଂଖ୍ୟା ମାତ୍ର ୪ହଜାର ଥିବା କୁହାଯାଉଛି। ଇଣ୍ଟରନ୍ୟାଶନାଲ ୟୁନିୟନ ଫର୍ କଞ୍ଜରବେଶନ ଅଫ୍ ନେଚର(ଆଇୟୁସିଏନ୍)ର ରେଡ୍ ଲିଷ୍ଟରେ ଏହି ପକ୍ଷୀବଂଶ ଏବେ ସଙ୍କଟ ତାଲିକାରେ ଅଛନ୍ତି ଏବଂ ଏହାର ପ୍ରାପ୍ତବୟସ୍କଙ୍କ ସଂଖ୍ୟା ୨୪୫୦ରୁ ୨୯୦୦ ମଧ୍ୟରେ ଥିବା ଆକଳନ କରାଯାଇଛି। ଏଭଳି ସ୍ଥିତିରେ କଟକ ଜିଲା ଆଠଗଡ଼ ବନଖଣ୍ଡର ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କଖଡ଼ି ଗ୍ରାମ ନିକଟ ମହାନଦୀ ଅବବାହିକାର ବିସ୍ତୃତ ବାଲୁକା ଶଯ୍ୟାରେ ଇଣ୍ଡିଆନ ସ୍କିମର ପକ୍ଷୀର ପ୍ରଥମଥର ପାଇଁ ଆସ୍ଥାନ ଦେଖିବାକୁ ମିଳିଛି। ଏମାନଙ୍କ ସୁରକ୍ଷା ପାଇଁ ବନାଞ୍ଚଳ ପକ୍ଷରୁ ଏବେଠାରୁ ଉଦ୍ୟମ ଆରମ୍ଭ ହୋଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହି ପକ୍ଷୀ ଗୋଟିଏ କି ଦୁଇଟି ନୁହେଁ ଏହାର ସଂଖ୍ୟା ୧୬୫ ହେବ। ଏହି ନଦୀଶଯ୍ୟା ଏକ ପ୍ରକୋଷ୍ଠ ଅଣ୍ଡାଦେବା ସ୍ଥାନ ବୋଲି ମନେକରି ଏମାନଙ୍କ ମଧ୍ୟରୁ ୮୨ଟି ଅଣ୍ଡା ଦେଇଥିବା ଓ ୩୫ଟି ଛୁଆ ହୋଇଥିବା ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି। ଏମାନଙ୍କ ସଂଖ୍ୟା ବୃଦ୍ଧି କରିବାକୁ ଏବେଠାରୁ ବନବିଭାଗ ଉଦ୍ୟମ ଆରମ୍ଭ କଲେ ଖୁଣ୍ଟୁଣୀ ବନାଞ୍ଚଳ ଭବିଷ୍ୟତରେ ଭାରତର ଏକ ଇଣ୍ଡିଆନ ସ୍କିମର ହବ୍ ପାଲଟିବ ବୋଲି ପକ୍ଷୀ ବିଶାରଦମାନେ ଆଶା କରିଛନ୍ତି। ଏହି ପକ୍ଷୀ ଅଣ୍ଡା ଦେବା କିମ୍ବା ପ୍ରଜନନବେଳେ ଯେପରି କୌଣସି କୁକୁର, ବିଲୁଆ କିମ୍ବା ଅନ୍ୟ କୌଣସି ପଶୁପକ୍ଷୀଙ୍କ ଶିକାର ନ ହୁଅନ୍ତି ସେଥିପାଇଁ ବନାଞ୍ଚଳ ଅଧିକାରୀଙ୍କ ପକ୍ଷରୁ ବନ କର୍ମଚାରୀଙ୍କୁ ଦିନରାତି ସୁରକ୍ଷା ପାଇଁ ନିୟୋଜିତ କରାଯାଇଛି। ଏଥିରେ ସ୍ଥାନୀୟ ଗ୍ରାମବାସୀ, ମତ୍ସ୍ୟଜୀବୀ ଓ ସାଧାରଣ ନାଗରିକଙ୍କୁ ସାମିଲ କରାଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି ବୋଲି ଶନିବାର କଖଡ଼ିଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବନାଞ୍ଚଳ ଅଧିକାରୀ ସାହୁ ସୂଚନା ଦେଇଛନ୍ତି। ଭାରତର ଚମ୍ବଲ ଉପତ୍ୟାକାରେ ଏହି ପକ୍ଷୀଙ୍କର ସୁରକ୍ଷା ବ୍ୟବସ୍ଥା ଓ ବଂଶ ବୃଦ୍ଧି ପାଇଁ ଉଦ୍ୟମ କରାଯାଉଥିବା କୁହାଯାଉଛି। ଏମାନେ ଜଳରେ ଥିବା ବିଭିନ୍ନ ଦୂଷିତ ତୈଳ ଅଂଶକୁ ଶୋଷି ନେଇଥାନ୍ତି। ଏଥିପାଇଁ ଏମାନଙ୍କର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ଡିସେମ୍ବରରୁ ଜାନୁଆରୀ ମଧ୍ୟରେ ଏହି ପକ୍ଷୀମାନେ ଓଡ଼ିଶାକୁ ଆସିଥାନ୍ତି। ହେଲେ ଏବେ ମେ'ମାସରେ ମଧ୍ୟ ଏମାନେ ଅଣ୍ଡା ଦେଉଥିବାରୁ ଏଠାରେ ସେମାନଙ୍କର ବଂଶ ବୃଦ୍ଧିର ଆଶା ଉଜ୍ଜ୍ୱଳ ହୋଇଉଠିଥିବା ସାହୁ କହିଛନ୍ତି।



ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଦୃଶ୍ୟକଳା ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଲଳିତ କଳା ଏକାଡେମୀର ଆଞ୍ଚଳିକ କେନ୍ଦ୍ରଠାରେ ଶନିବାର ଉଦ୍‌ଘାଟିତ କଳା ପ୍ରଦର୍ଶନୀ 'ସୃଷ୍ଟି'କୁ କଳାପ୍ରେମୀ ବୁଲି ଦେଖୁଛନ୍ତି।

## କଳା, ସାହିତ୍ୟର ସମନ୍ୱୟରେ ସଂସ୍କୃତି ଋଦ୍ଧିମନ୍ତ ହୁଏ

ଭୁବନେଶ୍ୱର,୪।୫
(ଶର୍ମିଷ୍ଠା ପାଣିଗ୍ରାହୀ)

### ୮ଯାଏ ଚାଲିବ କଳା ପ୍ରଦର୍ଶନୀ 'ସୃଷ୍ଟି'

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦୃଶ୍ୟକଳା ବିଭାଗ ପକ୍ଷରୁ ସପ୍ତମ ବାର୍ଷିକ କଳା ପ୍ରଦର୍ଶନୀ 'ସୃଷ୍ଟି' କେନ୍ଦ୍ରୀୟ ଲଳିତକଳା ଏକାଡେମୀର ଆଞ୍ଚଳିକ କେନ୍ଦ୍ରରେ ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ୍ ତଥା ୟୁଜିସି ସଦସ୍ୟ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, କଳା ଓ ସାହିତ୍ୟର ସମନ୍ୱୟରେ ସଂସ୍କୃତି ଋଦ୍ଧିମନ୍ତ ହୋଇଥାଏ। ଓଡ଼ିଶାର କଳା ଓ କଳାକାର ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ନିଜସ୍ୱ କଳାର ପ୍ରତିଭା ଯୋଗୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ପାଇଛନ୍ତି। ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳା ମାଧ୍ୟମରେ କଳାକାର ସମାଜକୁ ନୂତନ ବାର୍ତ୍ତା ଦେବାରେ ସଫଳ ହୋଇଥାଏ ବୋଲି କହିଥିଲେ। ବିଶିଷ୍ଟ ଅତିଥିଭାବେ ବରିଷ୍ଠ ଚିତ୍ରଶିଳ୍ପୀ ଜଗଦୀଶ କାନୁନ୍‌ଗୋ ଓ ଭାସ୍କର୍ଯ୍ୟବିତ୍ ଶ୍ୟାମ ସୁନ୍ଦର ପଟ୍ଟନାୟକ ଓଡ଼ିଶାର କଳା ଇତିହାସ ଉପରେ ଆଲୋକପାତ କରିବା ସହ ସମସାମୟିକ କଳାକାରଙ୍କ ଚିତ୍ରକଳା ଓ ଭାସ୍କର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। କୁଳପତି ପ୍ରଫେସର ପ୍ରସନ୍ନ ସ୍ୱାଇଁ ସଭାପତିତ୍ୱ ବକ୍ତବ୍ୟରେ ଉତ୍କଳ ସଂସ୍କୃତି ବିଶବିଦ୍ୟାଳୟ ସବୁବେଳେ ଏହିଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ ଜାରିରଖିବ ବୋଲି ମତ ଦେଇଥିଲେ। କୁଳସଚିବ ଅନାମିକା ଅଧିକାରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଜ୍ଞାନ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା, ଡ. ଉମେଶ ଚନ୍ଦ୍ର ନାୟକ, ଅଞ୍ଜନ ସାହୁ, ଡ. ସମ୍ବରୁ ଶୋଭରା, ଡ. ସସ୍ମିତା କାମିଲା ଓ ମୋନାଲିସା ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ଗୁରୁ ଡ. ଶ୍ୟାମ ସୁନ୍ଦର ରାସ୍ତୋଗୀ, ଡ. ସନ୍ଦୀପ ସାହୁ ଓ ଡ. ଜବାହାର ମିଶ୍ର ବୃନ୍ଦ ସଙ୍ଗୀତ ପରିବେଷଣ କରିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।

### ନନ୍ଦନକାନନ ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା

## ଦିନିକିଆ ରିମାଣ୍ଡରେ ଖୋବା

ବାରଙ୍ଗ,୪।୫(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଏସିଏଫ୍‌ଙ୍କୁ ଆକ୍ରମଣ ସହ ଭଙ୍ଗାରୁଜା କରିଥିବା ଅଭିଯୁକ୍ତ ସନ୍ତୋଷ ପାହଡସିଂ ଓରଫ ଖୋବାଙ୍କୁ ନନ୍ଦନକାନନ ପୋଲିସ ଶନିବାର ଦିନିକିଆ ରିମାଣ୍ଡରେ ଆଣିଥିଲା। ପୋଲିସ ତାଙ୍କୁ ପଚରାଉଚରା ସହ ଆକ୍ରମଣରେ ବ୍ୟବହୃତ କଟୁରି ଓ ଏକ ବାଇକ୍ ଜବତ କରିଛି। ପ୍ରକାଶ ଯେ, ପ୍ରାଣୀବିଜ୍ଞାନୀ ରାଜେଶ ମହାପାତ୍ରଙ୍କ ସହିତ ଏସିଏଫ୍ ରଶ୍ମିରଞ୍ଜନ ସ୍ୱାଇଁ ନିଜ ଚାମ୍ବରରେ ବସିଥିବାବେଳେ ଖୋବା ଓ ତାଙ୍କ ସହଯୋଗୀ ଚାମ୍ବରରେ ଧସେଇ ପଶି ସେମାନଙ୍କୁ ଗାଳିଗୁଲଜ କରିବା ସହ ମାରିଦେବାକୁ ଧମକ ଦେଇଥିଲେ। ଏପରିକି ଅଭିଯୁକ୍ତମାନେ ସେଠାରେ ଥିବା କାଗଜପତ୍ର ଫୋପଡ଼ାଫିଙ୍ଗା ସହ ଆଲମାରୀକୁ ଭାଙ୍ଗି ଦେଇଥିଲେ। ପରେ ଏସିଏଫ୍ ସୁଦୀପ୍ତ ପଣ୍ଡାଙ୍କ ଚାମ୍ବରକୁ ଯାଇ ତାଙ୍କୁ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ। ଘଟଣାରେ ଏସିଏଫ୍ ରଶ୍ମିରଞ୍ଜନଙ୍କ ଅଭିଯୋଗ ଆଧାରରେ ନନ୍ଦନକାନନ ଥାନା ପୋଲିସ ଏକ ମାମଲା ନଂ ୧୧୩/୨୪ ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ୩୦ ତାରିଖ ବିଳମ୍ବିତ ରାତିରେ ଖୋବା ଓ ସକାଳୁ ତାଙ୍କ ସହଯୋଗୀଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ତେବେ କେଉଁ ଉଦ୍ଦେଶ୍ୟରେ ଏହି କାଣ୍ଡ ଘଟାଇଥିଲେ ସେ ନେଇ ଖୋବା ମୁହଁ ଖୋଲୁ ନ ଥିବା ପୋଲିସ କହିଛି।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀପକ



@ ନରେଶ



@ ସଞ୍ଜୟ



@ ରାମକୃଷ୍ଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଆମ୍ରି ହସ୍ପିଟାଲରେ ଖୋଲିବ ଲିଭର କ୍ଲିନିକ୍

ଭୁବନେଶ୍ୱର,୪।୫(ଅନୁରାଧା ମହାରଣା)

### ପ୍ରଥମ ଦିନରେ ନିଃଶୁଳ୍କ ଡାକ୍ତରୀ ପରାମର୍ଶ

ଆମ୍ରି ହସ୍ପିଟାଲ ପରିସରରେ ଆସନ୍ତା ୮ ତାରିଖରେ ଏକ ଲିଭର କ୍ଲିନିକର ଶୁଭାରମ୍ଭ କରାଯିବ। ଏହି ଅବସରରେ ଉକ୍ତ ଦିନ ହସ୍ପିଟାଲ ପରିସରରେ ଏକ ନିଃଶୁଳ୍କ ଯକୃତ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଶିବିର ଅନୁଷ୍ଠିତ ହେବ। ସ୍ୱତନ୍ତ୍ର ବିଶେଷଜ୍ଞ ଟିମ୍ ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ଏନେଇ ଲିଭର ପ୍ରତିରୋପଣ ସର୍ଜନ ଡା. ରାଜଶେଖର କେ ସୂଚନା ଦେଇ କହିଛନ୍ତି, ଯକୃତ ରୋଗରୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ଠିକ ସମୟରେ ପରାମର୍ଶ ଏବଂ ଅସ୍ତ୍ରୋପଚାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମ୍ରି ହସ୍ପିଟାଲର ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର ବରିଷ୍ଠ ପରାମର୍ଶଦାତା ଡା. ପ୍ରତାପ ବେହେରା କହିଲେ, ଆମ ଲିଭର ସାମଗ୍ରିକ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା, ନିୟମିତ ବ୍ୟାୟାମ ଏବଂ ମଦ୍ୟପାନକୁ ନିୟନ୍ତ୍ରଣ କରିବା ଭଳି ସରଳ ଜୀବନଶୈଳୀ ଯକୃତ ରୋଗର ଆଶଙ୍କାକୁ ଯଥେଷ୍ଟ ହ୍ରାସ କରିପାରେ। ସେହିପରି ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର ପରାମର୍ଶଦାତା ଡା. ଜ୍ଞାନରଞ୍ଜନ ରାଉତ କହିଲେ, କ୍ରନିକ ଲିଭର ରୋଗ ପ୍ରାୟତଃ ଜନସାଧାରଣଙ୍କୁ ପ୍ରଭାବିତ କରିଥାଏ। ଏହା ଅନେକ ସମୟରେ ଗମ୍ଭୀର ଜଟିଳତା ସୃଷ୍ଟି କରିଥାଏ ବୋଲି ଡା. ରାଉତ କରିଥିଲେ।

## ଏସ୍‌ସିବିରୁ ଡିସ୍‌ଚାର୍ଜ ହେଲେ ପ୍ରଥମ ଯକୃତ ପ୍ରତିରୋପିତ ମାନସ

କଟକ, ୪।୫(ଶିଳ୍ପା ପ୍ରିୟଦର୍ଶିନୀ)

### ପ୍ରତ୍ୟେକ ଗୁରୁବାର ଏସ୍‌ସିବିରେ ହେବ ଲିଭର ଟ୍ରାନ୍ସପ୍ଲାଣ୍ଟ ଆଉଟ୍‌ପ୍ୟାଟେଣ୍ଟ ବିଭାଗ ଅଧିବେଶନ: ଡା. ସୁଧାଂଶୁ




ଖବରଦାତା ସମ୍ମିଳନୀରେ ଡାକ୍ତର ଓ ଅନ୍ୟମାନେ।

କଟକ ଏସ୍‌ସିବି ମେଡିକାଲରେ ପ୍ରଥମ ଲିଭର(ଯକୃତ) ପ୍ରତିରୋପଣ ସଫଳ ହୋଇଛି। ଫଳରେ ନୂଆ ଜୀବନ ପାଇଥିବା କଟକ ଜିଲା ତିଗିରିଆ ଅଞ୍ଚଳର ମାନସ ବାରିକ(୪୫) ଶନିବାର ଏସ୍‌ସିବିରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏନେଇ ଏସ୍‌ସିବି ସର୍ଜରି ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ମାନସ ଡ୍ରାଇଭର ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ଏପ୍ରିଲ ୩ରେ ଏସ୍‌ସିବିରେ ପ୍ରଥମଥର ମାନସଙ୍କ ଶରୀରରେ ଯକୃତ ପ୍ରତିରୋପଣ କରାଯାଇଥିଲା। ସ୍ତ୍ରୀ ରଶ୍ମିତା ବାରିକଙ୍କ ଯକୃତର ଦୁଇ ତୃତୀୟାଂଶ କାଟି ନିଆଯାଇ ମାନସଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା। ଯକୃତ ପ୍ରତିରୋପଣ ଭଳି ମହଙ୍ଗା ସ୍ୱାସ୍ଥ୍ୟସେବା ଏସ୍‌ସିବି ମେଡିକାଲରେ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ ଯୋଗାଇ ଦିଆଯାଇଥିଲା। ହାଇଦ୍ରାବାଦ ଏସିଆନ ଇନଷ୍ଟିଚ୍ୟୁଟ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର (ଏଆଇଜି)ର ୯ଜଣ ଏବଂ ବଡ ମେଡିକାଲର ୧୫ଜଣ ଡାକ୍ତର ଏହି ପ୍ରତିରୋପଣ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଏବେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବାରୁ ସେମାନଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଏଥିସହ ମେଡିକାଲ ପକ୍ଷରୁ ଔଷଧ ଏବଂ ସହାୟକ ସେବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏସ୍‌ସିବି ମେଡିକାଲର ସୁପର ସ୍ପେଶାଲିଟି ବିଲ୍ଡିଂରେ ପ୍ରତ୍ୟେକ ଗୁରୁବାର ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଲିଭର ଟ୍ରାନ୍ସପ୍ଲାଣ୍ଟ ଆଉଟପ୍ୟାଟେଣ୍ଟ ବିଭାଗ ଅଧିବେଶନ ଆୟୋଜନ କରାଯିବ ବୋଲି ମିଶ୍ର କହିଛନ୍ତି।

ଅପରପକ୍ଷରେ ଏଆଇଜି ଟିମ୍ ମୁଖ୍ୟ ଡା. ପି. ବାଲାଚନ୍ଦ୍ରନ ମେନନ କହିଛନ୍ତି, ଏସ୍‌ସିବି ମେଡିକାଲ ଏହି ଯକୃତ ପ୍ରତିରୋପଣ ପାଇଁ ଦୀର୍ଘ ସମୟ ଧରି ପ୍ରୟାସ ଜାରି ରଖି ଏବେ ସଫଳତା ହାସଲ କରିଛି। ସାଧାରଣତଃ ମେଦବହୁଳତା, ମଦ୍ୟପାନ, ହେପାଟାଇଟିସ୍-ବି ଲିଭର ଖରାପ ହେବାର ମୂଳକାରଣ ହୋଇଥାଏ। ଏଥିପ୍ରତି ଧ୍ୟାନ ଦେଲେ ଏହି ରୋଗରୁ ଦୂରେଇ ରହିହେବ। ସେହିପରି ମାନସ କହିଛନ୍ତି, ଏସ୍‌ସିବି ଓ ଏଆଇଜିର ଡାକ୍ତରଙ୍କ ପରିଶ୍ରମ ଯୋଗୁ ନୂଆ ଜୀବନ ପାଇଛି। ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ଯେଉଁ ଭୁଲ୍ ଯୋଗୁ ମୋର ଏଭଳି ଅବସ୍ଥା ହୋଇଛି, ତାହାକୁ ଅନ୍ୟ କେହି ଦୋହରାନ୍ତୁ ନାହିଁ। ପ୍ରତ୍ୟେକ ଜୀବନ ମୂଲ୍ୟବାନ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏଆଇଜି ଉପାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ଏସ୍‌ସିବି ପ୍ରଶାସନିକ ଅଧିକାରୀ ଅବିନାଶ ରାଉତଙ୍କ ସମେତ ଏସ୍‌ସିବି ମେଡିକାଲ ଓ ଏଆଇଜିର ଟିମ୍‌ର ଡାକ୍ତର ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ପାଣି ପାଇଁ ଆକ୍ରମଣ, ପରିବାରର ୩ ଗିରଫ

ଭୁବନେଶ୍ୱର,୪।୫ (ସୂର୍ଯ୍ୟକାନ୍ତ ବେହେରା) – ପାଣି ନେବାକୁ କେନ୍ଦ୍ର କରି ପ୍ରଥମେ ପାଟିତୁଣ୍ଡ, ପରେ ଆକ୍ରମଣ କରି ଲୁଟ୍ କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଗୋଟିଏ ପରିବାରର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରଶାନ୍ତି ବିହାରର ଜିତେନ୍ଦ୍ର ମିଶ୍ର, ସ୍ତ୍ରୀ ପ୍ରୀତି ମିଶ୍ର ଓ ଝିଅ ଇତି ମିଶ୍ର।

ସୂଚନାନୁସାରେ, ଅଭିଯୋଗକାରୀ ଓ ତାଙ୍କ ସହଯୋଗୀ ସଙ୍ଗୀତା ଡାକୁଆ ମିଶି କିମ୍ସ ହସ୍ପିଟାଲ ପାଖରେ ଏକ ହୋଟେଲ ଚଳାଉଥିଲେ। ଶୁକ୍ରବାର ସନ୍ଧ୍ୟା ସାଢେ ୭ଟାରେ ସଙ୍ଗୀତା ନିକଟରେ ଥିବା ଏକ ବିଏମ୍‌ସି ଟ୍ୟାପରୁ ପାଣି ଆଣିବା ସମୟରେ ଅଭିଯୁକ୍ତା ପ୍ରୀତି ନିଜକୁ ସ୍ଥାନୀୟ ବାସିନ୍ଦାର ପରିଚୟ ଦେଇ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ସଙ୍ଗୀତା ହୋଟେଲ ସହଯୋଗୀ ତଥା ଅଭିଯୋଗକାରୀଙ୍କ ଘରକୁ ଫେରିଆସିଥିବା ବେଳେ ଅଭିଯୁକ୍ତମାନେ ସେଠାକୁ ଆସି ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଅଭିଯୋଗକାରୀ ବ୍ୟକ୍ତି ଜଣକ ଘଟଣାର ଆପୋସ ସମାଧାନ ତଥା ସହାୟତା ପାଇଁ ଭାଇ ନିଲୁ ମହାକୁଡ଼ଙ୍କୁ ଡାକିଥିଲେ। ନିଲୁ ଘଟଣା ସ୍ଥଳରେ ପହଞ୍ଚିବା କ୍ଷଣି ଅଭିଯୁକ୍ତମାନେ ତାଙ୍କୁ ଗାଳି କରିବା ସହିତ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏହି ସମୟରେ ଅଭିଯୁକ୍ତମାନେ ସେଠାରୁ ୨ଟି ମୋବାଇଲ ଓ ଗୋଟିଏ ସୁନା ଚେନ ଛଡ଼ାଇ ନେଇ ପଳାଇଥିବା ଅଭିଯୋଗ ହୋଇଥିଲା।

## ୪ନଂ. ୱାର୍ଡରେ ବିଜେଡିର କର୍ମୀ ସମ୍ମିଳନୀ

ବାଲିଅନ୍ତା,୪।୫(ନୀଳମାଧବ ସାହୁ): ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅଧୀନ ୪ନଂ. ୱାର୍ଡ ପାହାଲଠାରେ ଶୁକ୍ରବାର ରାତିରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ କୁମାର ଲେଙ୍କା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ବିଧାୟକ ସୁଶାନ୍ତ ରାଉତ ଯୋଗଦେଇ କହିଥିଲେ, ଏହି ୪ନଂ. ୱାର୍ଡରେ ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରାଯାଇଛି। ଆଗାମୀ ଦିନରେ ଏହି ୱାର୍ଡରେ ବିକାଶର ଧାରା ବଜାୟ ରହିବ। ଚଳିତ ନିର୍ବାଚନରେ ଭୋଟର ଭଉଣୀ ଭାଇମାନେ ଉଭୟ ଲୋକ ସଭା ଓ ବିଧାନସଭା ଆସନର ବିଜେଡି ପ୍ରାର୍ଥୀଙ୍କୁ ୨ଟି ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ସଂକଳ୍ପ ନେବାକୁ ସେ ଆହ୍ୱାନ ଦେଇଥିଲେ। ୱାର୍ଡର ସମସ୍ତ ଭୋଟର ତାଙ୍କୁ ଆଶୀର୍ବାଦ କରିବାକୁ ସେ ଅନୁରୋଧ କରିଥିଲେ। ବିଜେଡି ଓ ତାଙ୍କ ପ୍ରତି ୱାର୍ଡର ଜନସାଧାରଣଙ୍କ ଆଶା ଓ ଭରସା ଅଛି ବୋଲି ସେ କହିଥିଲେ। ମତ୍ସ୍ୟ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଜେଡିର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବିଧାୟକ ରାଉତଙ୍କୁ ଦୁଇ ଦୁଇ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ସମ୍ମିଳନୀରେ ସୂର୍ଯ୍ୟକାନ୍ତି ଜେନା ଓ ଇଲା ସ୍ୱାଇଁଙ୍କ ସମେତ ବହୁ ବିଜେଡି ନେତ୍ରୀ ଓ ନେତାଙ୍କ ସହ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ।

# ମହିଳାଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ


ସିସିଟିଭିରେ କଏଦ ଦୃଶ୍ୟ।


ଅଭିଯୁକ୍ତ ଅକ୍ଷୟ କୁମାର ବେହେରା।

ଭୁବନେଶ୍ୱର,୪।୫ (ସୂର୍ଯ୍ୟକାନ୍ତ ବେହେରା)

ଏକତରଫା ପ୍ରେମକୁ ନେଇ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅଞ୍ଚଳରେ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳାଙ୍କୁ ରାସ୍ତାରେ ଗାଡି ଚଢ଼ାଇ ହତ୍ୟା ଉଦ୍ୟମ ହୋଇଛି। ଏଥିରେ ମହିଳା ଜଣକ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ କେନ୍ଦ୍ରାପଡାର ଅକ୍ଷୟ କୁମାର ବେହେରାଙ୍କୁ ଗିରଫ କରିଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଅକ୍ଷୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଘଟଣାରେ ସମ୍ପୃକ୍ତ ପିକ୍‌ଅପ୍ ଭ୍ୟାନ୍ ଓ ପୀଡିତାଙ୍କ ସ୍କୁଟିକୁ ଜବତ କରିଛି। ଆହତ ମହିଳାଙ୍କ ସ୍ୱାମୀ ଅମିୟ କୁମାର ଜେନାଙ୍କ ଅଭିଯୋଗ ଓ ଘଟଣା ସମୟର ଭିଡିଓ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି। ସୂଚନାନୁସାରେ, ଅଭିଯୋଗକାରୀ ଅମିୟ ପରିବାର ସହ ପଟିଆ ରେଲୱେ ଷ୍ଟେଶନ ଅଞ୍ଚଳରେ ରହୁଥିବାବେଳେ ଅକ୍ଷୟ ମଧ୍ୟ ତାଙ୍କ ଘର ନିକଟରେ ଭଡାରେ ରହି ଏକ ପିକ୍‌ଅପ୍ ଭ୍ୟାନ ଚଳାନ୍ତି। ଅମିୟଙ୍କ ସ୍ତ୍ରୀଙ୍କ ବଡ ଭଉଣୀଙ୍କୁ ଅକ୍ଷୟ ଏକତରଫା ଭଲ ପାଇଆସୁଥିଲେ। ହେଲେ ସେ ବିବାହିତା ଥିବାରୁ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏହି ଘଟଣାକୁ ନେଇ ଉଭୟ ପରିବାର ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଏପରିକି ସମସ୍ତଙ୍କୁ ଜୀବନରୁ ମାରିଦେବାକୁ ଅଭିଯୁକ୍ତ ଅକ୍ଷୟ ଧମକ ଦେଇ ଆସୁଥିଲେ। ଶୁକ୍ରବାର ସନ୍ଧ୍ୟାରେ

**ପ୍ରେମକୁ ନେଇ ରାଜଧାନୀରେ ଅଭାବନୀୟ ଘଟଣା**

ଅମିୟଙ୍କ ସ୍ତ୍ରୀ ପଟିଆସ୍ଥିତ କର୍ମସ୍ଥଳରୁ ସ୍କୁଟିରେ ଘରକୁ ଫେରିବାବେଳେ ପଟିଆ–ସିପିଇଟି ରାସ୍ତାରେ ଅଭିଯୁକ୍ତ ଅକ୍ଷୟ ନିଜ ପିକଅପ ଭ୍ୟାନକୁ ଦ୍ରୁତଗତିରେ ଚଳାଇ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲେ। ଫଳରେ ସ୍କୁଟି ସହ ଅମିୟଙ୍କ ସ୍ତ୍ରୀ ଭ୍ୟାନ୍ ତଳେ ପଶିଯାଇଥିଲେ। ଅଭିଯୁକ୍ତ ଅକ୍ଷୟ ଗାଡି ରଖିବା ବଦଳରେ ସ୍କୁଟି ସହ ମହିଳାଙ୍କୁ ୫୦୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲେ। ସ୍ଥାନୀୟ ଲୋକେ ଏହାଦେଖି ଅଭିଯୁକ୍ତଙ୍କ ଗାଡିକୁ ପିଛା କରି ଅଟକାଇବା ସହିତ ପୀଡିତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମହିଳାଙ୍କ ଡାହାଣ ହାତ ଭାଙ୍ଗି ଯାଇଥିବାବେଳେ ଶରୀର ସାରା କ୍ଷତ ସୃଷ୍ଟି ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏଥିରେ ସ୍କୁଟିଟି ମଧ୍ୟ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି।


ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସର ବିଧାୟକ ପ୍ରାର୍ଥୀ ଅଶୋକ ଦାସ ଶନିବାର ନାମାଙ୍କନପତ୍ର ଦାଖଲ କରୁଛନ୍ତି।

## ଅକ୍ଷୟପାତ୍ର ଫାଉଣ୍ଡେଶନକୁ ବଦନାମ କରିବାକୁ ଚକ୍ରାନ୍ତ

ପୁରୀ, ୪।୫(ଅଜିତ୍ ମହାନ୍ତି)

କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସହଭାଗିତାରେ ଅକ୍ଷୟପାତ୍ର ଫାଉଣ୍ଡେଶନ ଦୀର୍ଘ ୧୮ବର୍ଷ ଧରି ପୁରୀ ତଥା ଓଡ଼ିଶାର ଅନେକ ସରକାରୀ ବିଦ୍ୟାଳୟରେ ପ୍ରତ୍ୟେକ ଦିନ ୨ଲକ୍ଷ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେଉଛି। ଏହାସହିତ ଏହି ସଂସ୍ଥା ପୁରୀବାସୀଙ୍କ ପାଇଁ ଅନେକ ଜନସେବା କାର୍ଯ୍ୟ କରି ଆସୁଛି, ଆଉ ଆଗକୁ ମଧ୍ୟ ଏହା ଜାରି ରହିବ। କିଛି ଅସାଧୁ ବ୍ୟକ୍ତି ନିଜ ସ୍ୱାର୍ଥ ହାସଲ ପାଇଁ ଓ ଅକ୍ଷୟପାତ୍ର ଫାଉଣ୍ଡେଶନକୁ ବଦନାମ କରିବା ଉଦ୍ଦେଶ୍ୟରେ ମହାପ୍ରସାଦକୁ ଅପମାନ କରିଛନ୍ତି। ସେମାନେ ୧୮ବର୍ଷ ପୂର୍ବେ ଅକ୍ଷୟପାତ୍ର ଆରମ୍ଭ ସମୟରେ ମଧ୍ୟ ଏ ଭଳି ହୀନ ଚକ୍ରାନ୍ତ କରିଥିଲେ। ମାଟି କୁଡୁଆ ସହିତ ଅନ୍ୟ ପାତ୍ରରେ ପରଷା ଯାଉଥିବା ଗୋଟିଏ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରି ମହାପ୍ରସାଦ ସହିତ ଯୋଡ଼ା ଯାଉଅଛି। ଅକ୍ଷୟପାତ୍ର ସଂସ୍ଥା ସମୟ ସମୟରେ ଆସୁଥିବା ଅତିଥିମାନଙ୍କ ପାଇଁ ମାଟି କୁଡୁଆରେ କାଠ ଚୁଲି ବ୍ୟବହାର କରି ବ୍ୟଞ୍ଜନ ପ୍ରସ୍ତୁତ କରି ପରଷି ଥାଏ। ପୁରୀର ସ୍ଥାନୀୟ ଲୋକ ପରମ୍ପରା ଅନୁସାରେ ମାଟି କୁଡୁଆରେ ରୋଷେଇ କରିବା ଓ ପରଷିବାର ପରମ୍ପରା ରହିଛି। ଏହାକୁ ମହାପ୍ରସାଦ ସହିତ ଯୋଡ଼ିବା ଏକ ନିନ୍ଦନୀୟ ଅପରାଧ। ମହାପ୍ରସାଦ ପ୍ରତି ଅକ୍ଷୟପାତ୍ରର ଅଗାଧ ସମ୍ମାନ ରହିଛି। ମହାପ୍ରସାଦକୁ ଅପମାନ କରିବା ଏହି ଅନୁଷ୍ଠାନର ଉଦ୍ଦେଶ୍ୟ ନୁହେଁ। ଅକ୍ଷୟପାତ୍ରକୁ ବଦନାମ କରିବା ପାଇଁ ମିଥ୍ୟା ସୋସିଆଲ ମିଡିଆ ପ୍ରସାରକୁ ଓ ଏଭଳି ବିଭ୍ରାନ୍ତମୂଳକ କଥାକୁ ବିଶ୍ୱାସ ନ କରିବାକୁ ସମସ୍ତ ଜଗନ୍ନାଥ ପ୍ରେମୀ ଓ ଅଗଣିତ ଭକ୍ତମାନଙ୍କୁ ଅକ୍ଷୟପାତ୍ର ଫାଉଣ୍ଡେଶନର ବିନମ୍ର ନିବେଦନ।

## ନୃତ୍ୟରେ ମତଦାନ ସଚେତନତା


ଡେପୁଟି ଚିଫ୍ ଇଲେକ୍ଟୋରାଲ ଅଫିସର ପଦ୍ମଜା ଦାଶ ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ନୃତ୍ୟଶିଳ୍ପୀମାନେ ଭୋଟର ସଚେତନତା ବାର୍ତ୍ତା ଦେଉଛନ୍ତି।

ଭୁବନେଶ୍ୱର,୪।୫(ଶର୍ମିଷ୍ଠା ପାଣିଗ୍ରାହୀ)

ସେଣ୍ଟ୍ରାଲ ବ୍ୟୁରୋ ଅଫ୍ କମ୍ୟୁନିକେଶନ(ସିବିସି) ପକ୍ଷରୁ ଶନିବାର ଏସ୍‌ପ୍ଲାନେଡ୍ ମଲ୍‌ଠାରେ ମତଦାତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୃତ୍ୟ ଓ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ମତଦାନ ସମ୍ପର୍କରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ନିର୍ବାଚନ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେଉଥିବା ଲୋକଙ୍କୁ ପୁରସ୍କାର ଦିଆଯାଇଥିଲା। ଡେପୁଟି ଚିଫ୍ ଇଲେକ୍ଟୋରାଲ ଅଫିସର ପଦ୍ମଜା ଦାଶ ଯୋଗଦେଇ କହିଲେ, ସହରାଞ୍ଚଳରେ ଭୋଟରଙ୍କ ସଂଖ୍ୟା କମୁଛି। ଭୁବନେଶ୍ୱରରେ ଅଧା ପ୍ରତିଶତ ଭୋଟର ଭୋଟଦାନ କରୁନାହାନ୍ତି। ଏଠାରେ ଅଧିକାଂଶ ଚାକିରି କରୁଥିବା ଲୋକ ରହୁଛନ୍ତି, ଯେଉଁମାନଙ୍କର ଭୋଟର ପରିଚୟପତ୍ର ଆଉ କେଉଁଠିକାର। ଭୋଟ ପାଇଁ ଛୁଟି ଦିଆଯାଉଛି। ହେଲେ ଅନେକ ଏହାକୁ ଛୁଟିଦିନ ବୋଲି ଭାବୁଛନ୍ତି, କର୍ତ୍ତବ୍ୟର ଦିନ ବୋଲି ଭାବୁନାହାନ୍ତି। ଭୋଟ ଦେବାକୁ ଯାଉନାହାନ୍ତି। ଲୋକମାନେ ମଧ୍ୟ ଭାବୁଛନ୍ତି, ଗୋଟିଏ ଭୋଟରେ କ’ଣ ହୋଇପାରିବ। ତେଣୁ ଆମେ ଏହିଭଳି ଭୋଟର ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛୁ। ଭୁବନେଶ୍ୱରରେ ଏଥର ଭୋଟର ସଚେତନତା କାର୍ଯ୍ୟକ୍ରମରେ ଅନେକ ଲୋକ ଅଂଶଗ୍ରହଣ କରୁଛନ୍ତି। ଆଶା କରୁଛୁ, ଏଥର ଭୁବନେଶ୍ୱରରେ ମତଦାନ ହାର ବୃଦ୍ଧି ପାଇବ। ଫିଲ୍ଡ ଏକ୍‌ଜିବିଶନ ଅଫିସର ମହେନ୍ଦ୍ର ଜେନା କହିଲେ, ଭୁବନେଶ୍ୱରରେ ମତଦାନ ହାର ବୃଦ୍ଧି କରିବାକୁ ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଭୁବନେଶ୍ୱରରେ ୪ଟି ସହ କଟକର ଚୌଦ୍ୱାର, ବାରବାଟୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ଜୟପୁରଠାରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ଡ. ଦେବେନ୍ଦ୍ର କୁମାର ବିଶ୍ୱାଳ ମତଦାନ ଉପରେ ଆଲୋଚନା କରିଥିଲେ। ଫିଲ୍ଡ ପବ୍ଲିସିଟି ଅଫିସର ସସ୍ମିତା ପାଇକରାୟ ଉପସ୍ଥିତ ଥିଲେ। କଟକର ଲୋକ ଶାସ୍ତ୍ର କଳା ପରିଷଦ ପକ୍ଷରୁ ଶିଳ୍ପୀମାନେ ନୃତ୍ୟ ପରିବେଷଣ ରଖିଥିଲେ।

## ପକ୍ଷୀଙ୍କ ପାଇଁ ଦିନଟିଏ

ଭୁବନେଶ୍ୱର,୪।୫(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟ ସମାଜସେବୀ ମହାସଂଘ ପକ୍ଷରୁ ଆଇଜି ପାର୍କଠାରେ ଶନିବାର ‘ପକ୍ଷୀ ପାଇଁ ଦିନଟିଏ’ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରତୀକାତ୍ମକ ଭାବରେ ପାର୍କର ବିଭିନ୍ନ ସ୍ଥାନରେ ପକ୍ଷୀଙ୍କ ପାଇଁ ମାଟି ପାତ୍ରରେ ଜଳ ଓ ଖାଦ୍ୟ ରଖାଯାଇଥିଲା। ତା’ ସହିତ ପକ୍ଷୀଙ୍କ ଉଦ୍ଦେଶ୍ୟରେ ସଚେତନତା ଧର୍ମୀ କବିତା ପାଠ କବି ସୁଧାକର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବ୍ୟଙ୍ଗ କବି ସତ୍ୟାନାସ, ବରେଣ୍ୟ ଅତିଥି ଡ. ସଞ୍ଜୀବ କର, ସମାଜସେବୀ ଶ୍ୱାତି ଦାଶ, ପ୍ରଶାସକ ସରୋଜ କୁମାର ବେହେରା, ଡା. ସନ୍ତୋଷ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କବି ମହମ୍ମଦ ଇନାୟତ ଅଲ୍ଲୀଙ୍କ ଦୁଇଟି ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା। ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଘର ବାହାରେ ଛାତରେ ଅପନ୍ତରା ସ୍ଥାନରେ ପଶୁପକ୍ଷୀଙ୍କ ପାଇଁ ଖାଦ୍ୟ, ପାଣି ରଖିବାକୁ କର୍ମକର୍ତ୍ତାମାନେ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ସଂଗଠନର ବରିଷ୍ଠ ସଦସ୍ୟ ସାଗର ଦାଶ, ନାରାୟଣ ସାହୁ,ଗଗନ ପାଇଟାଲ, ହରିଶ ପ୍ରଧାନ, ମାନସ ଥାଟୋଇ, ରୋଜା ଘୋଷ, ସାମ୍ବାଦିକ ରାମଜୀବନ ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

## ୪୦ଛାତ୍ରୀଛାତ୍ରଙ୍କୁ ନେଇ କାର୍ଟୁନ କର୍ମଶାଳା




ଭୁବନେଶ୍ୱର,୪।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା କାର୍ଟୁନ ଏକାଡେମୀ ପକ୍ଷରୁ ଶନିବାର ରୋଟାରି ଭବନଠାରେ ବିଶ୍ୱ କାର୍ଟୁନିଷ୍ଟ ଦିବସରେ ଏକ କାର୍ଟୁନ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୪୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଆଇଆଇଏମ୍‌ସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ଯୋଗଦେଇ ଓଡିଶାର କାର୍ଟୁନିଷ୍ଟଙ୍କ ଡିରେକ୍ଟୋରି ଓ ହରିଶଙ୍କରନ୍ ପରସାଇଙ୍କ ଏକ ପୁସ୍ତକର ଓଡ଼ିଆ ଅନୁବାଦ ‘ଭୋଲାରାମର ଆତ୍ମା’କୁ ଉନ୍ମୋଚନ କରିଥିଲେ। ଡ. ଚାଟାର୍ଜୀ କାର୍ଟୁନ ଓ କାର୍ଟୁନିଷ୍ଟଙ୍କ ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଟୁନିଷ୍ଟ କେ.କେ. ରଥ ବିଶ୍ୱ କାର୍ଟୁନିଷ୍ଟ ଦିବସ ସମ୍ପର୍କରେ କହିଥିଲେ। ବିଶ୍ୱ କାର୍ଟୁନିଷ୍ଟ ଦିବସ ପାଳନ ଅବସରରେ ଓଡିଶା କାର୍ଟୁନ ଏକାଡେମୀ ପ୍ରତିବର୍ଷ ରାଜ୍ୟ ସ୍ତରୀୟ କାର୍ଟୁନ ପ୍ରଦର୍ଶନୀ ଆୟୋଜନ କରିଥାଏ। ଚଳିତବର୍ଷ ନିର୍ବାଚନ ପାଇଁ କାର୍ଟୁନ ପ୍ରଦର୍ଶନୀକୁ ଜୁନ୍‌କୁ ଘୁଞ୍ଚାଇ ଦିଆଯାଇଛି। କର୍ମଶାଳାକୁ କାର୍ଟୁନିଷ୍ଟ ଦେବାଶିଷ ସିଂ ଓ ନନ୍ଦେଶୁ ପରିଚାଳନା କରିଥିଲେ। ଶେଷରେ ଏକ କାର୍ଟୁନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ତିନୋଟି କାର୍ଟୁନ ଆଙ୍କିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

## ଶୋଷିଲା ପଶୁପକ୍ଷୀଙ୍କ ସାଥୀ ପ୍ରତାପ

ଭୁବନେଶ୍ୱର, ୪।୫ (ବନ୍ଦନା ସେଠୀ) – ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ କଥା କହିପାରୁ ନ ଥିବା ପଶୁପକ୍ଷୀ ନିଜର ଶୋଷ ମେଣ୍ଟାଇବା ପାଇଁ ଉହଳ ବିକଳ ହେଉଛନ୍ତି। ରାସ୍ତାରେ ବୁଲୁଥିବା ଗୋରୁ, ଷଣ୍ଢ, କୁକୁର, ଗୁଣ୍ଡୁଚିମୂଷା ଆଦି ପ୍ରାଣୀ ପାଣି ପାଇଁ ଏଗଲିସେଗଲି ହେଉଥିବା ଦେଖିବାକୁ ମିଳୁଛି। ସେହିପରି କାଉ, ପାରା, ବଣି, ଶୁଆ ଆଦି ପକ୍ଷୀମାନେ ପାଣି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ନିରୀହ ଶୋଷିଲା ପଶୁପକ୍ଷୀଙ୍କ କଥା ବୁଝିପାରୁଥିବା ସାମାଜିକ କର୍ମୀ ପ୍ରତାପ ସାହୁ ସେମାନଙ୍କ ସେବା କରିବାକୁ ଆଗେଇ ଆସିଛନ୍ତି। ରାଜଧାନୀର ବିଭିନ୍ନ ଅଞ୍ଚଳ ଯଥା ଶାସ୍ତ୍ରୀ ନଗର, ବିଧାୟକ କଲୋନୀ, ଖାରବେଳ ନଗର, ନୀଳାଦ୍ରିବିହାର, ଡମଣା, ଢୁମୁଢୁମା ଓ ଶହୀଦନଗରରେ ଥିବା ବଡ଼ବଡ଼ ଗଛ ଡ଼ାଳ ଓ କୋରଡ଼ରେ ପକ୍ଷୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପାତ୍ରରେ ପାଣି ରଖୁଛନ୍ତି। ଏଥିସହ ଗଛତଳ ଛାଇ ଜାଗାରେ ବୁଲା ଗୋରୁ, ଗାଈ, ଷଣ୍ଢଙ୍କ ପାଇଁ ମାଟି କୁଣ୍ଡରେ ପାଣି ରଖି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ପଶୁପକ୍ଷୀଙ୍କ ସାଥୀ ପାଲଟିଥିବା ପ୍ରତାପଙ୍କ ଏତାଦୃଶ ପଦକ୍ଷେପକୁ ରାଜଧାନୀବାସୀ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି। ଏ ନେଇ ପ୍ରତାପ କହିଛନ୍ତି, ସାଧାରଣ ମଣିଷକୁ ଶୋଷ ଲାଗିଲେ ସେ ପାଣି କିଣି କିମ୍ବା ଅନ୍ୟ କୌଣସି ମତେ ନିଜର ଶୋଷ ମେଣ୍ଟାଇ ପାରୁଛନ୍ତି। ମାତ୍ର ପଶୁପକ୍ଷୀମାନେ ପାଣି ଟୋପେ ନ ପାଇ ମୃତ୍ୟୁ ମୁଖରେ ପଡୁଥିବା ନଜିର ରହିଛି। ତେଣୁ ଏଭଳି ଘଟଣାକୁ ଏଡାଇବା ପାଇଁ ଏପରି ପ୍ରୟାସ ଜାରି ରଖିଥିବା ସେ କହିଛନ୍ତି।



## ଗ୍ରୀଷ୍ମକାଳୀନ ଆବାସିକ ପ୍ରଶିକ୍ଷଣ ଶିବିର ଆରମ୍ଭ

ଭୁବନେଶ୍ୱର, ୪।୫(ଅସମାପିକା ସାହୁ)

ଛାତ୍ର କଲ୍ୟାଣ ସମାଜ ପକ୍ଷରୁ ଗତ ୧ ତାରିଖରୁ ଗ୍ରୀଷ୍ମକାଳୀନ ଆବାସିକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ୨୦୨୩–୨୪ ଶିକ୍ଷାବର୍ଷରେ ଦଶମ ପରୀକ୍ଷା ଦେଇଥିବା ଛାତ୍ରଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ଶିବିରର ଆୟୋଜନ କରାଯାଇଛି। ସମୟ, ପରିସ୍ଥିତି, ପରିବେଶ, ନିଜର ଆର୍ଥିକ ସ୍ଥିତି ଓ ସ୍ୱାସ୍ଥ୍ୟରେ ସମାନୁପାତ ଆଣି ମାତାପିତା, ପରିବାର, ନିଜ ଜାତି ଓ ଦେଶ ପାଇଁ କିପରି ଗୌରବ ଆଣିପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଏଥିସହ ଆଗାମୀ ଶିକ୍ଷାରେ ଉନ୍ନତି ନିମନ୍ତେ ଅଭିଜ୍ଞ ପ୍ରଫେସରମାନଙ୍କ ଦ୍ୱାରା ଅଧ୍ୟାପନ କରାଯିବ। ପ୍ରବେଶ ପାଇଁ ଦଶମ ପରୀକ୍ଷା ପ୍ରବେଶପତ୍ର ଓ ଆଧାର କାର୍ଡର ଫଟୋକପି ଆବଶ୍ୟକ ବୋଲି ଛାତ୍ର କଲ୍ୟାଣ ସମାଜ ପକ୍ଷରୁ ସୂଚନା ଦିଆଯାଇଛି।

## କବିତା ପୁସ୍ତକ ‘ନିଃଶବ୍ଦ ସ୍ୱର’ ଉନ୍ମୋଚିତ


ପୁସ୍ତକ ଉନ୍ମୋଚନ ଅବସରରେ ଲେଖକ ତଥା ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୪।୫(ଅନୁରାଧା ମହାରଣା)

ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ପରିସରରେ ଶିକ୍ଷାବିତ୍, ସୁ–ସାହିତ୍ୟିକ ତଥା ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ଗୀତି କବିତା ପୁସ୍ତକ ‘ନିଃଶବ୍ଦ ସ୍ୱର’ ଶନିବାର ଉନ୍ମୋଚିତ ହୋଇଯାଇଛି। ଡ. ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି, ବିଶିଷ୍ଟ ଲେଖକ ତଥା ଶିଶୁ ସାହିତ୍ୟିକ ଦାସବେନହୁର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର ଡ. ପି.କେ. ଦାସ ପ୍ରମୁଖ ଯୋଗଦେଇଥିଲେ। ଡ. ମୀନକେତନ ଓ ବିଦ୍ୟାଳୟ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟଙ୍କ ବିବାହ ବାର୍ଷିକୀ ଅବସରରେ ଏହି ପୁସ୍ତକ ଉନ୍ମୋଚନ କରାଯାଇଥିବାବେଳେ ସେମାନଙ୍କ ନିଷ୍ଠା, ଚେଷ୍ଟା ଓ ନିଃସ୍ୱାର୍ଥପର ସେବାରୁ ଓଡିଏମ୍ ସଫଳତା ପାଇଚାଲିଥିବା ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ଡ. ମୀନକେତନ ତାଙ୍କ କବିତା ସଂକଳନକୁ ଇନ୍ଦୁମତୀଙ୍କ ପାଇଁ ଉତ୍ସର୍ଗ କରିଥିଲେ। ଉତ୍ସବରେ ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା–ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଶିକ୍ଷା–ଉପଦେଷ୍ଟା ବ୍ରହ୍ମାନନ୍ଦ ରାଉତ, ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ.ରାଜେଶ କୁମାର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅନିଲ ପ୍ରଧାନଙ୍କୁ ‘ଦ୍ୱିତୀୟ ପ୍ରତିମା ଶିକ୍ଷା ସମ୍ମାନ’

ଭୁବନେଶ୍ୱର,୪।୫(ଶର୍ମିଷ୍ଠା ପାଣିଗ୍ରାହୀ) ଶିକ୍ଷାବିତ୍, ଲେଖକ ଓ ସମାଜସେବୀ ପ୍ରତିମା ଦେବୀଙ୍କ ସ୍ମୃତିରେ ଗଠିତ ପ୍ରତିମା ଫାଉଣ୍ଡେଶନ ପକ୍ଷରୁ ଶନିବାର ସୂଚନା ଭବନଠାରେ ଦ୍ୱିତୀୟ ପ୍ରତିମା ପୁରସ୍କାର ଉତ୍ସବ ଓ ସ୍ମାରକୀ ବକ୍ତୃତା–୨୦୨୪ ପାଳିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ସମାଜସେବୀ, ଶିକ୍ଷାକର୍ମୀ ଅନିଲ ପ୍ରଧାନଙ୍କୁ ଆଦିବାସୀ ପିଲାଙ୍କ ଶିକ୍ଷା କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ପାଇଁ ‘ଦ୍ୱିତୀୟ ପ୍ରତିମା ଶିକ୍ଷା ସମ୍ମାନ’ ଓ ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ଗୁରୁ ବିଜୟ କୁମାର ପରିଡ଼ାଙ୍କୁ ପାରମ୍ପରିକ କଳା କ୍ଷେତ୍ରକୁ ଅବଦାନ ପାଇଁ ‘ପ୍ରତିମା ଶିଳ୍ପୀ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। କବି କେଦାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଲେଖକ ଡ. ଗୌରହରି ଦାସ ଓ ମୁଖ୍ୟବକ୍ତା ଯୁବ ଲେଖକ ଡ. ଶୈଲେନ ରାଉତରାୟ ଦ୍ୱିତୀୟ ପ୍ରତିମା ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ସଂଯୋଜନା କରିଥିଲେ ଅଭିନେତ୍ରୀ ମଧୁମିତା ମହାନ୍ତି। ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ସୁମିତ୍ରା ପାଢୀ ଉପସ୍ଥିତ ଥିଲେ। କବି ଓ ସ୍ତମ୍ଭକାର ପବିତ୍ର ମୋହନ କର ଧନ୍ୟବାଦ ଅର୍ପଣ କରିଥିଲେ।

## ନିଜକୁ ପ୍ରଯୋଜକ କହୁଥିବା ସୁତାଂଶୁ ଗିରଫ

ଭୁବନେଶ୍ୱର,୪।୫ (ସୂର୍ଯ୍ୟକାନ୍ତ ବେହେରା)

ସ୍ତ୍ରୀ ଓ ଶାଶୁଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଧଉଳି ଥାନା ପୋଲିସ ନିଜକୁ ଚଳଚ୍ଚିତ୍ର ପ୍ରଯୋଜକ କହୁଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡାର ସୁତାଂଶୁ ମହାନ୍ତି ଓରଫ ଦୀପ୍ତିରଞ୍ଜନ ମହାନ୍ତି। ତାଙ୍କଠାରୁ ଗୋଟିଏ ସୁନା ଚେନ ଜବତ ହୋଇଛି। ତାଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୮ରୁ ଅଧିକ ଆପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡିଛି। ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି। ପୋଲିସ ସୂଚନାନୁସାରେ, ଅଭିଯୋଗକାରିଣୀ ଜଣକ ଅଭିଯୁକ୍ତଙ୍କୁ ଗତ ୧୮ ଜୁନ୍ ୨୦୨୨ରେ ହିନ୍ଦୁ ରୀତିନୀତି ଅନୁଯାୟୀ ବିବାହ କରିଥିଲେ। ସୁତାଂଶୁ ନିଜକୁ ଚଳଚ୍ଚିତ୍ର ପ୍ରଯୋଜକ ଭାବେ ପରିଚୟ ଦେବା ସହ ତାଙ୍କର ଭୁବନେଶ୍ୱରରେ ଗେଷ୍ଟ ହାଉସ ବ୍ୟବସାୟ ଥିବା ଜଣାଇଥିଲେ। ତେଣୁ ବିବାହ ସମୟରେ ପରିବାର ପକ୍ଷରୁ ଦାବି ମୁତାବକ ଯୌତୁକ ଆକାରରେ ଗହଣା, ଆସବାବପତ୍ର, ବୁଲେଟ ମୋଟରସାଇକେଲ ବାବଦକୁ ୧ ଲକ୍ଷ ଟଙ୍କା ଅଭିଯୁକ୍ତଙ୍କୁ ଦେଇଥିଲେ। ପରେ ସୁତାଂଶୁ ତାଙ୍କୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଭଡାଘରେ ରଖିଥିଲେ। ହେଲେ କିଛିଦିନ ପରେ ସ୍ୱାମୀ ସୁତାଂଶୁ ବିଭିନ୍ନ ଚୋରି, ଠକେଇ ଆଦି ମାମଲାରେ ସମ୍ପୃକ୍ତ ଥିବା ଏବଂ ତାଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ସ୍ତ୍ରୀ ଜାଣିବାକୁ ପାଇଥିଲେ। ଏପରିକି ଅଭିଯୁକ୍ତ ଜଣକ ଯୌତୁକ ଆକାରରେ ମିଳିଥିବା ସମସ୍ତ ଜିନିଷ ବିକ୍ରି କରିଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଦେଖାଦେବା ପରେ ଅଭିଯୁକ୍ତ ସ୍ୱାମୀ ସୁତାଂଶୁ ତାଙ୍କ ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏହା ଅସହ୍ୟ ହୋଇପଡିବାରୁ ସ୍ତ୍ରୀ ନିଜ ୯ ମାସର କନ୍ୟା ସନ୍ତାନକୁ ସାଙ୍ଗରେ ନେଇ ଶିଶୁପାଳଗଡରେ ରହୁଥିବା ମା’ଙ୍କ ପାଖକୁ ଚାଲି ଆସିଥିଲେ। ଗତ ୨ ତାରିଖ ବିଳମ୍ବିତ ରାତିରେ ସୁତାଂଶୁ ଶିଶୁପାଳଗଡରେ ପହଞ୍ଚି ସ୍ତ୍ରୀ ଓ ଶାଶୁଙ୍କୁ ଗାଳି କରିବା ସହ ୯ ମାସର ଶିଶୁକନ୍ୟାଙ୍କୁ ଛଡାଇ ନେଇଥିଲେ। ବିରୋଧ କରିବାରୁ ସେ ସ୍ତ୍ରୀ, ଶାଶୁ ଓ ଭାଉଜଙ୍କୁ ମାଡ ମାରିଥିଲେ। ଏପରିକି ଥାନାରେ ଏତଲା ଦେଲେ ସମସ୍ତଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।


ଗିରଫ ସୁତାଂଶୁ ମହାନ୍ତି।

**ସ୍ତ୍ରୀ, ଶାଶୁଙ୍କୁ ଆକ୍ରମଣ ଅଭିଯୋଗ**

## ସଂକ୍ଷେପରେ

### ବାଇକ୍ ଧକ୍କାରେ ସାମାଜିକ କର୍ମୀଙ୍କ ମୃତ୍ୟୁ

ବେଗୁନିଆ,୪।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଞ୍ଜୁରୀ ଗ୍ରାମର ସାମାଜିକ କର୍ମୀ ତଥା ଭୂ-ଉନ୍ନୟନ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ସଂସାରୀ ପୃଷ୍ଟିଙ୍କ ଗତ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ଗ୍ରାମ ନିକଟରେ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡ, ଛାତି ଏବଂ ପେଟରେ ଆଘାତ ଲାଗିବା ସହିତ ବାମଗୋଡ଼ ଭାଙ୍ଗି ଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଖୋର୍ଦ୍ଧା ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

### ୯ରେ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ବେଗୁନିଆ ଗସ୍ତ



ବେଗୁନିଆ,୪।୫(ସନ୍ଧ୍ୟାରାଣୀ ମିଶ୍ର)

ସାଧାରଣ ନିର୍ବାଚନକୁ ନେଇ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ଆସନ୍ତା ୯ତାରିଖରେ ବେଗୁନିଆ ଗସ୍ତକୁ ନେଇ ସଦର ମହକୁମାସ୍ଥିତ ମା'ବରମୂଳେଇଙ୍କ ପୀଠରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ଏହି ବୈଠକରେ ଯୋଗଦେଇ ଯୋଡ଼ି ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିବା ସହ ଶୃଙ୍ଖଳିତ ଭାବେ କିପରି ପାଣ୍ଡିଆନଙ୍କ ଗସ୍ତ ସଫଳ ହେବ ସେ ଦିଗରେ ଆଲୋଚନା କରିଥିଲେ। ବେଗୁନିଆ ବ୍ଲକ ଅଧ୍ୟକ୍ଷ, ଜିଲାପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ବିଜେଡିର କର୍ମୀମାନେ ଯୋଗଦେଇ ନିଜର ମତ ରଖିଥିଲେ।

### ପୁଅ ପାଇଁ କାମ କରିବାରୁ ଦଳରୁ କାଢ଼ିଦେଲେ

ଖୋର୍ଦ୍ଧା,୪।୫ (ପ୍ରଭାତ ପାଣିଗ୍ରାହୀ)

ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କଂଗ୍ରେସରୁ ୬ବର୍ଷ ପାଇଁ ବହିଷ୍କୃତ ହେବା ପରେ ଏବେ ଖୋଲାଖୋଲି ଭୁବନେଶ୍ୱର ଲୋକ ସଭା ବିଜେଡି ପ୍ରାର୍ଥୀ ତଥା ପୁଅ ମନ୍ମଥ ରାଉତରାୟଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରୁଛନ୍ତି। ଗତ ଶୁକ୍ରବାର ବେଗୁନିଆ ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ପ୍ରଦୀପ ସାହୁଙ୍କ ନାମାଙ୍କନପତ୍ର ଦାଖଲ ସମୟରେ ଲୋକ ସଭା ପ୍ରାର୍ଥୀ ମନ୍ମଥଙ୍କ ସହ ବାପା ସୁରେଶ ପହଞ୍ଚିଥିଲେ। ଏହି ଅବସରରେ ସୁରେଶ କହିଥିଲେ, ପୁଅ ପାଇଁ ପ୍ରଚାର କରୁଛି ବୋଲି କଂଗ୍ରେସରୁ ମୋତେ ବହିଷ୍କୃତ କରାଯାଇଛି। ସମସ୍ତେ ନିଜ ପୁଅ ପାଇଁ କାମ କରନ୍ତି। ମୁଁ ମଧ୍ୟ କାମ କରୁଛି, ଏଥିରେ ଅସୁବିଧା କେଉଁଠି ରହିଲା। ବିଧାନସଭା ବିଜେଡି ପ୍ରାର୍ଥୀଙ୍କ ସହିତ ଲୋକ ସଭା ପ୍ରାର୍ଥୀ ମନ୍ମଥଙ୍କୁ ଭୋଟ ଦେବା ପାଇଁ ଲୋକଙ୍କୁ ନିବେଦନ କରିଛି। ବଡ଼ପୁଅ ସିଦ୍ଧାର୍ଥ କଂଗ୍ରେସରୁ ନିମାପଡ଼ାରୁ ପ୍ରାର୍ଥୀ ହୋଇଛି। ତା'ର ପ୍ରଚାରରେ ସାମିଲ ହୋଇନାହିଁ। ସେ ପ୍ରଚାର ମଙ୍ଗ ନିଜେ ଧରିଛି ବୋଲି ସୁରେଶ କହିଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ

ଟାଙ୍ଗୀ,୪।୫(ରଘୁନାଥ ସାହୁ): ଟାଙ୍ଗୀସ୍ଥିତ ବଳରାମ ଦେବଙ୍କ ପୀଠରେ ଆସନ୍ତା ୧୦ ତାରିଖ ଅକ୍ଷୟ ତୃତୀୟା ତିଥିରୁ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ କମିଟି ସଭାପତି ଡା. ମଧୁସୂଦନ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣାହୁତି କାର୍ଯ୍ୟ ୧୩ ତାରିଖରେ ସମ୍ପନ୍ନ ହେବ। ଏହାର ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଛି। ସମ୍ପାଦକ ବିଜୟ କୁମାର ରାଉତ, କୋଷାଧ୍ୟକ୍ଷ ଭଗବାନ ଚମ୍ପତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହେଶ୍ୱର ପ୍ରଧାନ, ରମେଶ ହରିଚନ୍ଦନ, ପ୍ରଫୁଲ୍ଲ ରାଉତ, ଘନଶ୍ୟାମ ମହାନ୍ତି, ବସନ୍ତ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ରଣା, ପ୍ରମୋଦ ଦାସ, ଜଗନ୍ନାଥ ମଲିକ, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।



ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ସୁଧାଂଶୁ ଶେଖର ଦାସ ଶନିବାର ଜିଲାପାଳ ଚଞ୍ଚଳ ରାଣାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ଜଣେ ପ୍ରାର୍ଥୀ ଶନିବାର ରିଟର୍ନିଂ ଅଫିସରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ବେଗୁନିଆ ବିଧାନସଭା ଆସନ ପାଇଁ ଲୋକଶକ୍ତି ଦଳର ମାନସ ଦାସ ଶନିବାର ରିଟର୍ନିଂ ଅଫିସରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ୬ଷ୍ଠ ଦିନରେ ୧୮ ପ୍ରାର୍ଥିପତ୍ର ଦାଖଲ

ଖୋର୍ଦ୍ଧା,୪।୫(ପ୍ରଭାତ ପାଣିଗ୍ରାହୀ)

ନାମାଙ୍କନର ଷଷ୍ଠ ଦିବସରେ ଶନିବାର ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ୩ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଏହି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ଟି ବିଧାନସଭା ଆସନ ପାଇଁ ୧୪ଜଣ ଏବଂ ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଚିଲିକା ବିଧାନସଭା ଆସନ ପାଇଁ ଜଣେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ସୁଧାଂଶୁ ଶେଖର ଦାସ, ବହୁଜନ ସମାଜବାଦୀ ପାର୍ଟିରୁ ଲଳିତ କୁମାର ନାୟକ ଏବଂ ମାନସ ଲୋକଶକ୍ତି ଦଳର ରିତୁନ ନାୟକ ରିଟର୍ନିଂ ଅଫିସର ଜିଲାପାଳ ଚଞ୍ଚଳ ରାଣାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ।

ସେହିପରି ୧୧୧ ଜୟଦେବ ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଲୋକନାଥ ବେହେରା ଓ ସମୃଦ୍ଧ ଓଡ଼ିଶାର ରଶ୍ମିତା ଭୋଇ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ୧୧୨ ମଧ୍ୟ(ଭୁବନେଶ୍ୱର) ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଡ. ଅକ୍ଷୟ କୁମାର ନାୟକ, ବହୁଜନ ସମାଜବାଦୀ ପାର୍ଟିର ଡ. ନଗେନ୍ଦ୍ର ନାଥ ମିଶ୍ର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ୧୧୩ ଉତ୍ତର (ଭୁବନେଶ୍ୱର) ବିଧାନସଭା ଆସନ ପାଇଁ ସ୍ୱାଧୀନ ଭାବେ ବିଭୂତି ଭୂଷଣ ସ୍ୱାଇଁ ଓ କଂଗ୍ରେସର ଅଶୋକ କୁମାର ଦାସ, ୧୧୪ ଏକାମ୍ର ବିଧାନସଭା ଆସନ ପାଇଁ କଳିଙ୍ଗ ନ୍ୟାଶନାଲ ଫ୍ରଣ୍ଟରୁ ମଧୁସୂଦନ ଜେନା, ୧୧୫ ଜଟଣୀ ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟ ପୁଣି ଥରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୧୧୬ ବେଗୁନିଆ ବିଧାନସଭା ଆସନ ପାଇଁ ମାନସ ଲୋକଶକ୍ତି ଦଳରୁ ମାନସ ରଞ୍ଜନ ଦାସ, ୧୧୭ ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ସୁପ୍ରିମ ଜିରୋ ପାର୍ଟି ଅଫ୍ ଭାରତରୁ ବ୍ରହ୍ମଚାରୀ ନାୟକ ଓ ବହୁଜନ ସମାଜବାଦୀ ପାର୍ଟିର ରାଜକିଶୋର ନାୟକ ଏବଂ ୧୧୮ ଚିଲିକା ବିଧାନସଭା ଆସନ ପାଇଁ ଏଏପି ପ୍ରାର୍ଥୀ ସଂଗ୍ରାମ କେଶରୀ ପରିଡ଼ା ରିଟର୍ନିଂ ଅଫିସରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାମାଙ୍କନପତ୍ର ଦାଖଲ ବେଳେ ପ୍ରାର୍ଥୀଙ୍କ ଦଳୀୟ ସମର୍ଥକ, କର୍ମୀଙ୍କ ସେହିଭଳି ଭିଡ଼ ନ ଥିଲା। ଉପଜିଲାପାଳ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାର୍ଥିପତ୍ର ଦାଖଲ ବେଳେ ଫାଙ୍କା ରହିଥିଲା। ପ୍ରାର୍ଥୀଙ୍କ ସମେତ ୫ଜଣ ଆସି ନିଜ ନାମାଙ୍କନ ଦାଖଲ କରିଥିବା ଦେଖିବାକୁ ମିଳିଥିଲା।

ଆସନ୍ତା ସୋମବାର ନାମାଙ୍କନପତ୍ର ଦାଖଲର ଶେଷ ଦିବସ ରହିଛି। ଶେଷ ଦିନରେ ଭୁବନେଶ୍ୱର ଲୋକ ସଭା କଂଗ୍ରେସ ପ୍ରାର୍ଥୀ ୟାସିର ନୱାଜ, ଖୋର୍ଦ୍ଧା ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ସୋନାଲି ସାହୁ, ବେଗୁନିଆ ବିଧାନସଭା ଆସନ ପାଇଁ କଂଗ୍ରେସରୁ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଏବଂ ଚିଲିକା ବିଧାନସଭା ଆସନ ପାଇଁ ପ୍ରଦୀପ ସ୍ୱାଇଁ ନାମାଙ୍କନ ଦାଖଲ କରିବା ଲାଗି ଧାର୍ଯ୍ୟ ହୋଇଥିବା ପିସିସି ସମ୍ପାଦକ ଶିଶିର ପରିଡ଼ା ସୂଚନା ଦେଇଛନ୍ତି। ସେହିଭଳି ଭାଜପାରୁ ଇସ୍ତଫା ଦେଇଥିବା କାଳୁଚରଣ ଖଣ୍ଡାୟତରାୟ ସ୍ୱାଧୀନ ଭାବେ ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିବେ ବୋଲି ସୂଚନା ଦେଇଛନ୍ତି। ରବିବାର ଛୁଟିଦିନ ଥିବାରୁ ନାମାଙ୍କନ ବନ୍ଦ ରହିବ ବୋଲି ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଲୋକଙ୍କୁ ସର୍ବନିମ୍ନ ମୌଳିକ ସୁବିଧା, ଶିକ୍ଷା, ସ୍ୱାସ୍ଥ୍ୟର ଭିତ୍ତିଭୂମି ବିକାଶକୁ ପ୍ରାଥମିକତା ଦେବେ ବୋଲି ପ୍ରାର୍ଥୀମାନେ କହିଛନ୍ତି। ମାନବବାଦୀ ସଙ୍ଗଠନର ମୁଖ୍ୟ ମାନସ ଦାସ ତାଙ୍କ ସମର୍ଥକଙ୍କ ସହିତ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଅବସରରେ ସେ କହିଥିଲେ, ସାଧାରଣ ଲୋକଙ୍କ ପାଖରେ ସରକାରଙ୍କ ବିଭିନ୍ନ ଯୋଜନା ପହଞ୍ଚିପାରୁନାହିଁ। ସେମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଲକ୍ଷ୍ୟ ରହିବ। ସେହିଭଳି ଚିଲିକା ବିଧାନସଭା ଆସନ ପାଇଁ ଏଏପିରୁ ସଂଗ୍ରାମ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଅବସରରେ ସେ କହିଥିଲେ, ଚିଲିକା ଯୁବ ନେତୃତ୍ୱକୁ ଖୋଜୁଛି। ଚିଲିକାର ବହୁବିଧ ସମସ୍ୟା ରହିଛି। ମତ୍ସ୍ୟଜୀବୀଙ୍କ ଆର୍ଥିକ ବିକାଶ, ସ୍ଥାନୀୟ ଯୁବକଙ୍କୁ କାମ, କୃଷି ଓ କୃଷକଙ୍କ ବିକାଶ, ଚିଲିକାରୁ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ପାଇଁ ପ୍ରାଥମିକତା ରହିବ ବୋଲି ସେ ପ୍ରକାଶ କରିଛନ୍ତି।



ଚିଲିକା ବିଧାନସଭା ଆସନ ପାଇଁ ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ସଂଗ୍ରାମ କେଶରୀ ପରିଡ଼ା ସମର୍ଥକଙ୍କ ସହ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି।

## ଭୋଟରଙ୍କ ଆତ୍ମବିଶ୍ୱାସ ବଢ଼ାଇବ ଫ୍ଲାଗ୍‌ମାର୍ଚ୍ଚ



ନିରାକାରପୁର ଥାନା ଅଞ୍ଚଳରେ ଶନିବାର ପୋଲିସ ପକ୍ଷରୁ ଅନୁଷ୍ଠିତ ଫ୍ଲାଗ୍‌ମାର୍ଚ୍ଚ।

ନିରାକାରପୁର,୪।୫(ମାନସ ଚନ୍ଦ୍ର ପଟ୍ଟନାୟକ)

ଆଗାମୀ ସାଧାରଣ ନିର୍ବାଚନରେ ମତଦାତାଙ୍କ ମନରେ ଆତ୍ମବିଶ୍ୱାସ ବଢ଼ାଇବା ସହ ଭୟମୁକ୍ତ ନିର୍ବାଚନ ବାତାବରଣ ସୃଷ୍ଟି ପାଇଁ ଶନିବାର ନିରାକାରପୁର ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ନେତୃତ୍ୱରେ ବଡ଼ପୋଖରିଆ ପଞ୍ଚାୟତ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଏହି ଫ୍ଲାଗ୍‌ମାର୍ଚ୍ଚରେ ଏସ୍ଆଇ ଦୀପାଳିଶା ନାୟକ, ଏସ୍ଆଇ ଅରବିନ୍ଦ ରାଉଳ, ଏଏସ୍ଆଇ ତପନ କୁମାର ପ୍ରଧାନ, ଏଏସ୍ଆଇ ଶ୍ରୀମତୀ ମଲ୍ଲିକ, ଏଏସ୍ଆଇ ଏସ୍.କେ. ବେହେରାଙ୍କ ସମେତ ବହୁ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଡିଆଇଜି (ଖୋର୍ଦ୍ଧା ଏସ୍‌ପି ଦାୟିତ୍ୱରେ ଥିବା) ଅବିନାଶ କୁମାର ରାମେଶ୍ୱର ଓ ଲେଣ୍ଡୁର ସୀମାନ୍ତବର୍ତ୍ତୀ ଅଞ୍ଚଳ ବୁଲି ଦେଖିଥିଲେ।

## ଯାଞ୍ଚ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

ବାଲୁଗାଁ,୪।୫(ସଂଗ୍ରାମ ପାଇକରାୟ): ନିର୍ବାଚନକୁ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଏବଂ ଶାନ୍ତିଶୃଙ୍ଖଳାରେ ସମାପନ ନିମନ୍ତେ ଜିଲାର ସମସ୍ତ ଥାନାକୁ ବିଭାଗୀୟ ଉପରିସ୍ଥ ଅଫିସର ନିର୍ଦ୍ଦେଶ ଦେଇଛନ୍ତି। ଏପରିସ୍ଥଳେ ଶନିବାର ଡିଆଇଜି (ଖୋର୍ଦ୍ଧା ଏସ୍‌ପି ଦାୟିତ୍ୱରେ ଥିବା) ଅବିନାଶ କୁମାର ବାଲୁଗାଁ ଥାନା ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହା ପରେ ନାଭାଲ ଫାଣ୍ଡିର ଅନତି ଦୂର ଗଞ୍ଜାମ ସୀମା ସଂଲଗ୍ନ ନାରାୟଣୀ ଛକଠାରେ ନିୟୋଜିତ ପୋଲିସ କ୍ୟାମ୍ପରେ ପହଞ୍ଚିଥିଲେ। ବେଆଇନଭାବେ ଚାଲାଣ ଟଙ୍କା ଓ ମଦ ସମେତ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ପାଇଁ ୨୪ ଘଣ୍ଟିଆ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନୁରୂପ ଭାବେ ବାଣପୁର ଗସ୍ତ କରି ବିଭିନ୍ନ ଚେକ୍ ପୋଷ୍ଟଗୁଡ଼ିକୁ ଅନୁଧ୍ୟାନ କରିଥିଲେ। ଏହି ଗସ୍ତ ବେଳେ ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



## ଏଏନ୍‌ଏମ୍‌ଙ୍କ ଦୁର୍ବ୍ୟବହାର ଅଭିଯୋଗ

ବେଗୁନିଆ,୪।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଏଏନ୍‌ଏମ୍ ଜନସାଧାରଣଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଜିଲାପାଳ ଏବଂ ସିଡିଏମ୍‌ଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏଠାରେ ଦୀର୍ଘ ୧୪ବର୍ଷ ହେବ ସମ୍ପୃକ୍ତ ଏଏନଏମ୍ ଜଣଙ୍କ କାର୍ଯ୍ୟରତ ଥିବାବେଳେ ସରକାରୀ କାର୍ଯ୍ୟ ଠିକ୍‌ଭାବେ କରୁନାହାନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ମହିଳାମାନେ ଉପଯୁକ୍ତ ଚିକିତ୍ସା ପାଉ ନ ଥିବାରୁ ଅଭିଯୋଗ କଲେ ଏଏନ୍‌ଏମ୍ ଜଣଙ୍କ ଦୁର୍ବ୍ୟବହାର କରୁଛନ୍ତି। ଏଥିସହ ଉପକେନ୍ଦ୍ରକୁ ଆସୁଥିବା ଔଷଧ ମଧ୍ୟ ରୋଗୀଙ୍କୁ ଠିକ୍‌ରେ ବଣ୍ଟନ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ସ୍ଥାନୀୟ ଗ୍ରାମର ଯୁବଗୋଷ୍ଠୀ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଦାବି କରିଛନ୍ତି। ଅଭିଯୋଗ ପରେ ସିଡିଏମ୍‌ଓଙ୍କୁ ୭ଦିନ ମଧ୍ୟରେ ଘଟଣାର ତଦନ୍ତ କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ଜୟଶ୍ରୀ ପଟ୍ଟନାୟକ କହିଛନ୍ତି, ବୋଡଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଉକ୍ତ ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଦଳର ଅବିଚାର ବିରୋଧରେ ସମାବେଶ




ନିରାକାରପୁର,୪।୫(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ବିଜେଡିରୁ ବାସନ୍ତୀ ମହାପାତ୍ର ଆଶାୟୀ ରହିଥିବା ବେଳେ ଦଳ ରାଜେନ୍ଦ୍ର ସାହୁଙ୍କୁ ପ୍ରାର୍ଥୀ କରିଛି। ତେବେ ମହାପାତ୍ରଙ୍କ ପ୍ରତି ଦଳର ଅନ୍ୟାୟ, ଅବିଚାର ବିରୋଧରେ ସାମାଜିକ କର୍ମୀ ଲକ୍ଷ୍ମୀଧର ମହାନ୍ତିଙ୍କ ସଭାପତିତ୍ୱରେ ଶନିବାର ଗୋଳବାଇସ୍ଥିତ ଦୋଳ ପଡିଆରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଉଳ ପାଇକରାୟ, ହେମନ୍ତ ବେହେରା, ମାନସ ସ୍ୱାଇଁ, ଅଜୟ କୁମାର ପ୍ରଧାନ, ଜିତୁ ଜୁଝାରସିଂହ, ବିକ୍ରମ ମହାପାତ୍ରଙ୍କ ସମେତ ଏକାଧିକ ଶୁଭେଚ୍ଛୁ ଯୋଗଦେଇ ମହାପାତ୍ରଙ୍କ ପ୍ରତି ଦଳର ଏଭଳି ଅବିଚାରକୁ ନିନ୍ଦା କରିଥିଲେ। ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ିବାକୁ ମହାପାତ୍ରଙ୍କୁ ଉପସ୍ଥିତ ଶୁଭେଚ୍ଛୁମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ କମଳଲୋଚନ ପ୍ରଧାନ ପରିଚାଳନା କରିଥିଲେ। ଏନେଇ ମହାପାତ୍ର କହିଛନ୍ତି, ଶୁଭେଚ୍ଛୁମାନେ ଯାହା ନିଷ୍ପତ୍ତି ନେବେ, ସେହି ଅନୁସାରେ କାର୍ଯ୍ୟ କରିବି। ଏହି ସମାବେଶରେ ବହୁ ଶୁଭେଚ୍ଛୁ ଓ ଛାମୁଆ କର୍ମୀ ଉପସ୍ଥିତ ଥିଲେ।

## ରୋଗୀଙ୍କ କାମରେ ଆସୁନି ଲିଫ୍ଟ

ଟାଙ୍ଗୀ,୪।୫ (ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦ୍ୱିତୀୟ ଓ ତୃତୀୟ ମହଲାକୁ ରୋଗୀମାନଙ୍କ ଯାତାୟାତ ପାଇଁ ଲିଫ୍ଟ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୨ଜଣ ଚାଳକ ଦୁଇ ବର୍ଷ ହେବ ନିଯୁକ୍ତ ହୋଇଛନ୍ତି। ହେଲେ ଲିଫ୍ଟ ଚାଲୁ ନ ଥିବାରୁ ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନେ ଯାତାୟାତ କରିବାରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନାଥାଉ କି, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତିନି ମହଲା ବିଶିଷ୍ଟ କୋଠାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୦୧୯ ଜାନୁଆରୀରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଥିଲେ। ତେବେ ଉଦ୍‌ଘାଟନ ପରେ ଏକ ସପ୍ତାହ ଲିଫ୍ଟ ଚାଳକ ନ ଥିବା ସତ୍ତ୍ୱେ ଚାଲିଥିଲା। ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। କରୋନା ପରେ ଆଉଟ୍‌ସୋର୍ସିଂରେ ଦୁଇ ଜଣ ଲିଫ୍ଟ ଚାଳକଙ୍କୁ ନିଯୁକ୍ତି ଦିଆଯାଇଥିଲା। ନିଯୁକ୍ତି ପରେ ମଧ୍ୟ ଲିଫ୍ଟ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଗର୍ଭବତୀ, ମହିଳା ଓ ଶିଶୁମାନଙ୍କ ସମ୍ପର୍କୀୟମାନେ ପାହାଚ(ଶିଡ଼ି)ରେ ଦ୍ୱିତୀୟ ଓ ତୃତୀୟ ମହଲାକୁ ଚିକିତ୍ସା ପାଇଁ ଯାଉଛନ୍ତି, ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏଠାରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପଦବୀ ଦୀର୍ଘଦିନ ଧରି ଖାଲିପଡ଼ିଛି। ଏ ସମ୍ପର୍କରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଡା. ସତ୍ୟ ରଞ୍ଜନ ନନ୍ଦ କହିଛନ୍ତି, ଲିଫ୍ଟ ଅତ୍ୟାଧୁନିକ ହୋଇ ନ ଥିବାରୁ ବାରମ୍ବାର ଅଚଳ ହେଉଛି। ତେଣୁ କାର୍ଯ୍ୟକାରୀ ହୋଇପାରୁନାହିଁ। ତୁରନ୍ତ ଲିଫ୍ଟ କାର୍ଯ୍ୟକ୍ଷମ କରିବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଚିଠି ଲେଖି ଅବଗତ କରାଇବେ ବୋଲି ସେ କହିଛନ୍ତି।



## ଆନ୍ତଃ ରାଜ୍ୟ ବାଇକ୍ ଲୁଟେରା ଗିରଫ

ବାଲୁଗାଁ,୪।୫(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ଅଧୀନ ନାଭାଲ ଫାଣ୍ଡି ପୋଲିସ ଜଣେ ଆନ୍ତଃ ରାଜ୍ୟ ବାଇକ୍ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ତେନ୍ତୁଳିଆପଲ୍ଲୀ ଗ୍ରାମର ଦିଲୀପ ସାହୁ। ତାଙ୍କ ନିକଟରୁ ଦୁଇଟି ଚୋରି ସ୍କୁଟି ଏବଂ ଗୋଟିଏ ବାଇକ୍ ଜବତ ହୋଇଛି। ଏନେଇ ବାଲୁଗାଁ ଥାନାରେ ଏକ ମାମଲା (ନଂ.୧୬୦/୨୪) ରୁଜୁ ପରେ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ଦିଲୀପଙ୍କ ଶ୍ୱଶୁର ଘର ନାଭାଲ ଛକ ନିକଟ ଛତ୍ରଗଡ଼ ଗ୍ରାମରୁ କିଛିଦିନ ତଳେ ଏକ ସ୍କୁଟି ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ପରେ ନାଭାଲ ଫାଣ୍ଡି ଅଧିକାରୀ ରବୀନ୍ଦ୍ର ନାଥ ଗୌଡ଼ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ସିସିଟିଭି ଫୁଟେଜରୁ ପୋଲିସର ସନ୍ଦେହ ଘେରକୁ ଦିଲୀପ ଆସିଥିଲେ। ଏହାପରେ ପୋଲିସ କୌଶଳକ୍ରମେ ଦିଲୀପଙ୍କୁ ଧରି ପଚରାଉଚରା କରିବାରୁ ସେ ଆନ୍ତଃ ରାଜ୍ୟ ଗାଡ଼ି ଚୋରି ରାକେଟ୍‌ରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଦିଲୀପଙ୍କ ବୟାନ ଅନୁଯାୟୀ ପୋଲିସ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଚୋରି ହୋଇଥିବା ଏକ ସ୍କୁଟି ସମେତ ସ୍ଥାନୀୟ ଅଞ୍ଚଳରୁ ଚୋରି କରିଥିବା ଏକ ସ୍କୁଟି ଏବଂ ଏକ ବାଇକ୍‌କୁ ଜବତ କରିଥିଲା। ତେବେ ଏଥିରେ ସମ୍ପୃକ୍ତ ଅନ୍ୟ ଦୁଇଜଣଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡା ସୂଚନା ଦେଇଛନ୍ତି।

## ଟାଙ୍ଗୀରେ କାଳୁଙ୍କ ସମର୍ଥକଙ୍କ ସମ୍ମିଳନୀ

ଟାଙ୍ଗୀ,୪।୫(ରଘୁନାଥ ସାହୁ)

ଟାଙ୍ଗୀରେ କାଳୁ ଚରଣ ଖଣ୍ଡାୟତରାୟଙ୍କ ସମର୍ଥକମାନଙ୍କ ଏକ ସମ୍ମିଳନୀ ମା'ରତ୍ନମାଳି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମଣ୍ଡଳ ସଭାପତି ରାମଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଟାଙ୍ଗୀ ପଞ୍ଚାୟତର ବହୁ ସମର୍ଥକ ଉପସ୍ଥିତ ଥିଲେ। ଆସନ୍ତା ୬ ତାରିଖରେ କାଳୁ ଚରଣ ଖଣ୍ଡୟତରାୟଙ୍କ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟାରେ ସାମିଲ ହେବା ଏବଂ ନିର୍ବାଚନରେ ଅଧିକ ସଂଖ୍ୟାରେ ଭୋଟ ପାଇବା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରବାସ କୁମାର ପ୍ରଧାନ, ବୀରେନ ବାହୁବଳେନ୍ଦ୍ର, ନାଲୁ ରାଉଳ, କୃଷ୍ଣ ଚନ୍ଦ୍ର ସାହୁ, କୁନା ସୁନ୍ଦରାୟ, ସମରଜିତ ଜେନା, ଗିରିଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବେଗୁନିଆ ରଜ ମହୋତ୍ସବ ଜୁନ୍ ୧୪ରୁ

ବେଗୁନିଆ,୪।୫(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାସ୍ଥିତ ପତିତପାବନ ଯୁବକ ସଂଘ ପରିସରରେ ଶନିବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ହିମାଂଶୁ ଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ବିଶ୍ୱରଞ୍ଜନ ଦାସ, ସମ୍ପାଦକ ଗଙ୍ଗାଧର ମାର୍ଥା, ସହସମ୍ପାଦକ ବଟକୃଷ୍ଣ ମହାପାତ୍ରଙ୍କ ସହିତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଉପଦେଷ୍ଟା ତଥା ପ୍ରଧାନଶିକ୍ଷକ ଦିବାକର ସାହୁ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ଆସନ୍ତା ଜୁନ ୧୪ରୁ ରଜ ମହୋତ୍ସବ ଆରମ୍ଭ ହୋଇ ୧୭ ତାରିଖରେ ଉଦ୍‌ଯାପିତ ହେବ। ସଂସ୍କୃତି, ଐତିହ୍ୟ, କଳା ଓ ଭାଇଚାରାର ଭାବଧାରାକୁ ପ୍ରଚାର, ପ୍ରସାର କରିବା ପାଇଁ କମିଟି ପକ୍ଷରୁ ଆଭିମୁଖ୍ୟ ରଖାଯାଇଛି। ଓଡ଼ିଆଣୀ ବେଶଭୂଷା, ରାଜରାଣୀ ପ୍ରତିଯୋଗିତା, ଓଡ଼ିଶୀ ନୃତ୍ୟ, ଲୋକ କଳା ପାଲା, ଦାସକାଠିଆ ଏବଂ ସଂକୀର୍ତ୍ତନ ପରିବେଷଣର ଝଲକ ଉକ୍ତ ମହୋତ୍ସବରେ ଦେଖିବାକୁ ମିଳିବ।

## ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ

ବେଗୁନିଆ,୪।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦିନିଆରୀ ଗ୍ରାମ ନୂଆସାହିସ୍ଥିତ ଭାଗବତ ବାସୁଦେବଙ୍କ ପୀଠରେ ତିନିଦିନ ଧରି ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଅଧିବାସ ସହ କଳସ ଶୋଭାଯାତ୍ରା, ଓଡ଼ିଶୀ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ଗାୟକ ଲକ୍ଷ୍ମୀଧର ପଣ୍ଡା, ଗଣେଶ୍ୱର ନିଶଙ୍କ, ଭୁବନେଶ୍ୱର ଦାସ, ଗନ୍ଧର୍ବ ବାବା, ମାୟାଧର ହୋତା, ରଶ୍ମି ରଞ୍ଜନ ହୋତା, ଅଭିଜିତ ହୋତା ଓ ଗାୟିକା ରଞ୍ଜିତା ପରିଡ଼ାଙ୍କ ସହ ସାଥୀମାନେ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ଓ ପୂର୍ବତନ ସରପଞ୍ଚ ସୁଦର୍ଶନ ମାଣିକ ଯୋଗଦେଇ ଭଗବତପ୍ରେମୀଙ୍କୁ ଉତ୍ସାହିତ କରିଥିଲେ।

**ନାମାଙ୍କନବେଳେ ସମର୍ଥକଙ୍କ ହୋହଲ୍ଲା**

ପୁରୀ,(ଅଜିତ୍ ମହାନ୍ତି): ବ୍ରହ୍ମଗିରି ବିଧାନସଭା ଆସନ ନିମନ୍ତେ ଭାଜପା ପକ୍ଷରୁ ଉପାସନା ମହାପାତ୍ର ଶନିବାର ତାଙ୍କ ସମର୍ଥକଙ୍କ ସହ ଆସି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତେବେ ପ୍ରାର୍ଥିପତ୍ର ଦାଖଲ ସମୟରେ ତାଙ୍କ ସମର୍ଥକ ଜିଲା ପରିଷଦ କାର୍ଯ୍ୟାଳୟ ପରିସରକୁ ଧସେଇ ପଶିବାକୁ ଚେଷ୍ଟା କରିଥିଲେ। ଫଳରେ ହୋ ହଲ୍ଲା ପରିସ୍ଥିତି ଦେଖିବାକୁ ମିଳିଥିଲା। ପରେ ସଦର ଏସ୍‌ଡିପିଓଙ୍କ ହସ୍ତକ୍ଷେପ ପରେ ସ୍ଥିତି ଶାନ୍ତ ହୋଇଥିଲା। ଖବରପାଇ ଏସ୍‌ପି ପିନାକ ମିଶ୍ର ମଧ୍ୟ ଘଟଣାସ୍ଥଳକୁ ଆସି ଅନୁଧ୍ୟାନ କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୫।୨୦୨୪

| | |
|---|---|
| ୩,୯୨,୪୫୮ ଟଙ୍କା | |
| ସୁନା | ୧.୪୫୦ଗ୍ରାମ୍ |
| ରୁପା | ୧୦୯.୨୦୦ଗ୍ରାମ୍ |

## ସଂକ୍ଷେପରେ

### ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ୧.୫ ଲକ୍ଷ ଟଙ୍କା ଜବତ

ପୁରୀ,୪।୫(ଅଜିତ୍ ମହାନ୍ତି)

ଚଳିତ ନିର୍ବାଚନ ଯେପରି ଅବାଧ ଏବଂ ନିରପେକ୍ଷ ହେବ ସେଥିପାଇଁ ପ୍ରଶାସନ ପକ୍ଷରୁ ସଚେତନ କରାଯିବା ସହ ବିଭିନ୍ନ ସ୍ଥାନରେ ଗାଡ଼ିକୁ ଯାଞ୍ଚ କରାଯାଉଛି। ଏହି କ୍ରମରେ ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀର ମନ୍ଦାରବସ୍ତ ଚେକ ପଏଣ୍ଟଠାରେ ୨ତାରିଖ ସନ୍ଧ୍ୟାରେ ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍(ଏସ୍‌ଏସ୍‌ଟି) ଦ୍ୱାରା ୧ଲକ୍ଷ ୫୦ ହଜାର ଟଙ୍କା ଜବତ କରାଯାଇଛି। ସୂଚନାଯୋଗ୍ୟ, ଚେକିଂ ଚାଲିଥିବାବେଳେ ଏକ ସ୍କର୍ପିଓ ଗାଡ଼ିକୁ ମନ୍ଦାରବସ୍ତ ଚେକ ପଏଣ୍ଟଠାରେ ତଲାସି ନିଆଯିବା ସମୟରେ ଗାଡ଼ି ମଧ୍ୟରୁ ବିପୁଳ ପରିମାଣରେ ଅର୍ଥ ଜବତ ହୋଇଥିଲା। ଅର୍ଥର ଉତ୍ସ ସମ୍ପର୍କରେ ଗାଡ଼ିରେ ଥିବା ବ୍ୟକ୍ତିମାନେ କୌଣସି ସନ୍ତୋଷଜନକ ଉତ୍ତର ବା କାଗଜପତ୍ର ଦର୍ଶାଇପାରି ନ ଥିଲେ। ଫଳରେ ଅର୍ଥକୁ ଜବତ କରାଯାଇ ଭାରତର ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକା ଆଧାରରେ ଜିଲା ଟ୍ରେଜେରି ଷ୍ଟ୍ରଙ୍ଗ୍ ରୁମ୍‌ରେ ଗଚ୍ଛିତ ରଖାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ସାକ୍ଷୀଗୋପାଳଙ୍କ ଷଡ଼ଭୁଜ ଗୌରାଙ୍ଗ ବେଶ

ସାକ୍ଷୀଗୋପାଳ,୪।୫ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର):

ପବିତ୍ର ବୈଶାଖ ମାସ କୃଷ୍ଣପକ୍ଷ ଏକାଦଶୀ ତିଥି ତଥା ପବିତ୍ର ବୁରୁଥାନୀ ଏକାଦଶୀ ଉପଲକ୍ଷେ ଶନିବାର ଅପରାହ୍ଣରେ ସାକ୍ଷୀଗୋପାଳ ଠାକୁରଙ୍କ ଷଡ଼ଭୁଜ ଗୌରାଙ୍ଗ ବେଶ ଅନୁଷ୍ଠିତ ହୋଇଥିଲା। ବୀରକେଶରୀ ଭୋଗ ସମାପନ ପରେ ଦ୍ୱିପ୍ରହର ଧୂପ ବେଶରେ ଠାକୁରଙ୍କ ୨ଟି ଭୁଜରେ ସୁବର୍ଣ୍ଣ ବଂଶୀ ଧାରଣ କରି ଷଡ଼ଭୁଜ ଗୌରାଙ୍ଗ ବେଶରେ ଦର୍ଶନ ଦେଇଥିଲେ। ଅନ୍ୟ ଚାରୋଟି ଭୁଜରେ ଧନୁତୀର, କମଣ୍ଡଳୁ ଓ ଜପାମାଳା ଧାରଣ କରିଥିଲେ। ସେହିପରି ଶ୍ରୀମୁଖରେ ଚନ୍ଦନଚର୍ଚ୍ଚିତ ବୈଷ୍ଣବ ତିଳକ ଓ ଗଳାରେ ତୁଳସୀ ମାଳା, ଫୁଲ, ତୁଳସୀ ହାର ପରିଧାନ କରିଥିଲେ। ସିଂହାରୀ ସେବକ ମାନସ ମହାପାତ୍ର, ବସନ୍ତ ମହାପାତ୍ର ଏହି ବେଶ କରିଥିଲେ। ପାଳିଆ ଭଣ୍ଡାର ମେକାପ ସୁଦର୍ଶନ ମେକାପ ଓ ସତ୍ୟଜିତ୍ ମେକାପ ସହଯୋଗ କରିଥିଲେ। ଦ୍ୱିପ୍ରହର ଧୂପ ଆଳତି ଶେଷ ହେବା ପରେ ଶ୍ରଦ୍ଧାଳୁମାନେ ରତ୍ନସିଂହାସନ ନିକଟକୁ ଯାଇ ବର୍ଷକୁ ଗୋଟିଏ ଦିନ ଗୌରାଙ୍ଗ ବେଶରେ ଠାକୁରଙ୍କୁ ଦର୍ଶନ କରିଥିଲେ। ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗ୍ରାମର ବ୍ରଜକିଶୋର ନନ୍ଦଙ୍କ ପରିବାର ପକ୍ଷରୁ ଏହି ବେଶ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା।

### ମା'ମଙ୍ଗଳାଙ୍କ ଗୀତଗୋବିନ୍ଦ ସେବକଙ୍କ ପରଲୋକ

କାକଟପୁର,୪।୫(ଶୁଭଦର୍ଶନ ମିଶ୍ର):

କାକଟପୁର ମା'ମଙ୍ଗଳାଙ୍କ ଗୀତଗୋବିନ୍ଦ ସେବକ ଲକ୍ଷ୍ମୀଧର ଦୀକ୍ଷିତ(୮୧)ଙ୍କ ଶନିବାର ନିଜ ବାସଭବନରେ ପରଲୋକ ଘଟିଛି। ସ୍ୱର୍ଗତ ଦୀକ୍ଷିତ ସକାଳୁ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତାଙ୍କ ବନ୍ଧୁ, ଶୁଭେଚ୍ଛୁଙ୍କ ସହ ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା, ଉପସଭାପତି କମଳ ଲୋଚନ ଦୀକ୍ଷିତ, ସମ୍ପାଦକ ପବିତ୍ର ଦୀକ୍ଷିତ, ଉପଦେଷ୍ଟା କମିଟି ସଦସ୍ୟ ତୁଷାରରଞ୍ଜନ ଦୀକ୍ଷିତ, ପ୍ରଦୀପ୍ତ ଦୀକ୍ଷିତ ପ୍ରମୁଖ ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଅଶୋକ ଦୀକ୍ଷିତ ଏବଂ କନିଷ୍ଠ ପୁତ୍ର ନଳିନୀକାନ୍ତ ଦୀକ୍ଷିତ ମୁଖାଗ୍ନି ଦେଇଥିଲେ।

# ୬ଷ୍ଠ ଦିନରେ ୧୦ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ





ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ସୁଜିତ ମହାପାତ୍ର ନାମାଙ୍କନ ପତ୍ର ଦାଖଲ କରୁଛନ୍ତି । ପିପିଲି ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ରାଧାମୋହନ ନାମାଙ୍କନ ଦାଖଲ ପାଇଁ ଆସିଛନ୍ତି ।

ପୁରୀ,୪।୫(ଅଜିତ୍ ମହାନ୍ତି)

ମେ ୨୫ ତାରିଖରେ ରାଜ୍ୟରେ ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ନିବାର୍ଚନରେ ପୁରୀ ଜିଲାର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ୪ ଗୋଟି ବିଧାନସଭାରେ ମତଦାନ ଅନୁଷ୍ଠିତ ହେବ। ତେଣୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ୨୯ ତାରିଖଠାରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଛି। ନାମଙ୍କନ ପତ୍ର ଦାଖଲର ଷଷ୍ଠ ଦିନ ଶନିବାର ସର୍ବାଧିକ ୧୦ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପୁରୀ ଲୋକ ସଭା ଆସନ ନିମନ୍ତେ ଜଣେ ପ୍ରାର୍ଥୀ ନାମାଙ୍କନ ପତ୍ର ଜିଲାପାଳଙ୍କ ନିକଟରେ ଦାଖଲ କରିଥିବାବେଳେ ପୁରୀ ବିଧାନସଭା ଆସନ ନିମନ୍ତେ ୨ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ଉପଜିଲାପାଳଙ୍କ ନିକଟରେ ଦାଖଲ କରିଛନ୍ତି। ସେହିପରି ସତ୍ୟବାଦୀ ବିଧାନସଭା ଆସନ ନିମନ୍ତେ ଜଣେ ପ୍ରାର୍ଥୀ ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଅପରପକ୍ଷରେ ପିପିଲି ବିଧାନସଭା ପାଇଁ ଦୁଇଜଣ ପ୍ରାର୍ଥୀ ଅତିରିକ୍ତ ଉପଜିଲାପାଳଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। ବ୍ରହ୍ମଗିରି ଆସନ ନିମନ୍ତେ ୪ଜଣ ପ୍ରାର୍ଥୀ ସେମାନଙ୍କ ନାମଙ୍କନ ପତ୍ର ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପୁରୀ ଲୋକ ସଭା ଆସନ ନିମନ୍ତେ ଦିଲୀପ କୁମାର ବରାଳ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଭକ୍ତଙ୍କ ନିମନ୍ତେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା , ଚାଷୀଙ୍କ ପାଇଁ ସୁବିଧା, ପୁରୀ ଜିଲାରେ ଭୁଶୁଡ଼ି ପଡ଼ିଥିବା ସ୍ୱାସ୍ଥ୍ୟସେବାକୁ ଉନ୍ନତି କରିବା ସହ ଯେପରି ରୋଗୀମାନେ ଉତ୍ତମ ସେବା ପାଇବେ ସେନେଇ ଗୁରୁତ୍ୱ ଦେବେ ବୋଲି ଦିଲୀପ କହିଛନ୍ତି। ସେହିଭଳି ପୁରୀ ବିଧାନସଭା ଆସନ ନିମେନ୍ତ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହୋଇଥିବା ସୁଜିତ ମହାପାତ୍ର ନାମାଙ୍କନ ପତ୍ର ଦାଖଲ କରିଥିଲେ। ସୁଜିତ ତାଙ୍କ ସମର୍ଥକ ଓ କଂଗ୍ରେସର ଅନେକ ନେତାଙ୍କ ସହ ଶରଧାବାଲିଠାରୁ ବାଇକ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ତାଙ୍କର ପ୍ରାର୍ଥିପତ୍ର ଦାଖଲ କରିଥିଲେ।

### ବ୍ରହ୍ମଗିରିରୁ ଉପାସନା, ପୁରୀ ଲୋକ ସଭା ପାଇଁ ଦିଲୀପଙ୍କ ନାମାଙ୍କନ

ସେହିପରି ବହୁଜନ ସମାଜବାଦୀ ପାର୍ଟି (ବିଏସ୍‌ପି) ପକ୍ଷରୁ ସୁଚେନ୍ଦ୍ର ଭୋଇ ତାଙ୍କ ସମର୍ଥକମାନଙ୍କ ସହ ଆସି ଉପ ଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସତ୍ୟବାଦୀ ବିଧାନସଭା ଆସନ ନିମନ୍ତେ ବିଏସ୍‌ପି ପକ୍ଷରୁ ଜଗନ୍ନାଥ ଭୋଇ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛି। ପିପିଲି ବିଧାନସଭା ଆସନ ପାଇଁ ବହୁ ଜନ ସମାଜବାଦ ପାଟି ପକ୍ଷରୁ ଅହମ୍ମଦ ଖାନ ଅତିରିକ୍ତ ଉପଜିଲାପାଳ ନୀଳମଧାବ ମାଝିଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିପରି ଭାଜପାରୁ ଟିକେଟ ଆଶାୟୀ ଥିବା ରାଧାମୋହନ ସ୍ୱାଧୀନ ପ୍ରାର୍ଥୀ ଭାବରେ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପିପିଲିରୁ ଏକ ବିରାଟ ବାଇକ ଶୋଭାଯାତ୍ରାରେ ରାଧମୋହନ ଆସି ଅତିରିକ୍ତ ଉପ ଜିଲାପାଳଙ୍କ ନିକଟରେ ନିଜର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଅପରପକ୍ଷରେ ବ୍ରହ୍ମଗିରି ବିଧାନସଭା ଆସନ ପାଇଁ ସୁଜିତ୍ କୁମାର ପ୍ରଧାନ, ପ୍ରଭାକର ଦଳେଇ ସ୍ୱାଧୀନ ଭାବରେ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ରାମଚନ୍ଦ୍ର ଭୋଇ ବିଏସ୍‌ପିରୁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତେବେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଉପାସନା ମହାପାତ୍ର ବିଶାଳ ଶୋଭାଯାତ୍ରାରେ ଆସି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିବାହୀ ଅଧିକାରୀଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଉପାସନା କହିଛନ୍ତି, ଆଜି ତାଙ୍କ ଶୋଭାଯାତ୍ରରେ ପୁଣି ଇତିହାସ ଦେଖିବାକୁ ମିଳିଛି। ବ୍ରହ୍ମଗିରି ବାସିନ୍ଦା ତାଙ୍କ ଶୋଭାଯାତ୍ରାରେ ବହୁଳ ଭାବରେ ସାମିଲ ହୋଇଥିଲେ। ଭୋଟରଙ୍କ ନିକଟକୁ ଯାଇ ପ୍ରତ୍ୟକ୍ଷ ଭାବରେ ରହିଛନ୍ତି। ଲୋକଙ୍କ ସମସ୍ୟା ସହ ଜଡ଼ିତ ରହିଛନ୍ତି। ଲୋକେ ତାଙ୍କୁ ଭଲ ଭାବରେ ଜାଣିଛନ୍ତି। ବ୍ରହ୍ମଗିରିରେ ଅନେକ ସମସ୍ୟା ରହିଛି। ଉକ୍ତ ସମସ୍ୟା ଓ ପ୍ରସଙ୍ଗକୁ ନେଇ ସେ ଲୋକଙ୍କ ନିକଟକୁ ଯିବେ ବୋଲି ଉପାସନା କହିଛନ୍ତି।

# ଅକ୍ଷୟପାତ୍ର ଫାଉଣ୍ଡେଶନକୁ ବଦନାମ କରିବାକୁ ଚକ୍ରାନ୍ତ

ପୁରୀ, ୪।୫(ଅଜିତ୍ ମହାନ୍ତି):

କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସହଭାଗିତାରେ ଅକ୍ଷୟପାତ୍ର ଫାଉଣ୍ଡେଶନ ଦୀର୍ଘ ୧୮ବର୍ଷ ଧରି ପୁରୀ ତଥା ଓଡ଼ିଶାର ଅନେକ ସରକାରୀ ବିଦ୍ୟାଳୟରେ ପ୍ରତ୍ୟେକ ଦିନ ୨ଲକ୍ଷ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେଉଛି। ଏହାସହିତ ଏହି ସଂସ୍ଥା ପୁରୀବାସୀଙ୍କ ପାଇଁ ଅନେକ ଜନସେବା କାର୍ଯ୍ୟ କରି ଆସୁଛି, ଆଉ ଆଗକୁ ମଧ୍ୟ ଏହା ଜାରି ରହିବ। କିଛି ଅସାଧୁ ବ୍ୟକ୍ତି ନିଜ ସ୍ୱାର୍ଥ ହାସଲ ପାଇଁ ଓ ଅକ୍ଷୟପାତ୍ର ଫାଉଣ୍ଡେଶନକୁ ବଦନାମ କରିବା ଉଦ୍ଦେଶ୍ୟରେ ମହାପ୍ରସାଦକୁ ଅପମାନ କରିଛନ୍ତି। ସେମାନେ ୧୮ବର୍ଷ ପୂର୍ବେ ଅକ୍ଷୟପାତ୍ର ଆରମ୍ଭ ସମୟରେ ମଧ୍ୟ ଏ ଭଳି ହୀନ ଚକ୍ରାନ୍ତ କରିଥିଲେ। ମାଟି କୁଡୁଆ ସହିତ ଅନ୍ୟ ପାତ୍ରରେ ପରଷା ଯାଉଥିବା ଗୋଟିଏ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରି ମହାପ୍ରସାଦ ସହିତ ଯୋଡ଼ା ଯାଉଅଛି। ଅକ୍ଷୟପାତ୍ର ସଂସ୍ଥା ସମୟ ସମୟରେ ଆସୁଥିବା ଅତିଥିମାନଙ୍କ ପାଇଁ ମାଟି କୁଡୁଆରେ କାଠ ଚୁଲି ବ୍ୟବହାର କରି ବ୍ୟଞ୍ଜନ ପ୍ରସ୍ତୁତ କରି ପରଷି ଥାଏ। ପୁରୀର ସ୍ଥାନୀୟ ଲୋକ ପରମ୍ପରା ଅନୁସାରେ ମାଟି କୁଡୁଆରେ ରୋଷେଇ କରିବା ଓ ପରଷିବାର ପରମ୍ପରା ରହିଛି। ଏହାକୁ ମହାପ୍ରସାଦ ସହିତ ଯୋଡ଼ିବା ଏକ ନିନ୍ଦନୀୟ ଅପରାଧ। ମହାପ୍ରସାଦ ପ୍ରତି ଅକ୍ଷୟପାତ୍ରର ଅଗାଧ ସମ୍ମାନ ରହିଛି। ମହାପ୍ରସାଦକୁ ଅପମାନ କରିବା ଏହି ଅନୁଷ୍ଠାନର ଉଦ୍ଦେଶ୍ୟ ନୁହେଁ। ଅକ୍ଷୟପାତ୍ରକୁ ବଦନାମ କରିବା ପାଇଁ ମିଥ୍ୟା ସୋସିଆଲ ମିଡିଆ ପ୍ରସାରକୁ ଓ ଏଭଳି ବିଭ୍ରାନ୍ତମୂଳକ କଥାକୁ ବିଶ୍ୱାସ ନ କରିବାକୁ ସମସ୍ତ ଜଗନ୍ନାଥ ପ୍ରେମୀ ଓ ଅଗଣିତ ଭକ୍ତମାନଙ୍କୁ ଅକ୍ଷୟପାତ୍ର ଫାଉଣ୍ଡେଶନର ବିନମ୍ର ନିବେଦନ।

## ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଚଢ଼ାଉ

ପୁରୀ,୪।୫(ଅଜିତ୍ ମହାନ୍ତି)

ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଶନିବାର ଅବକାରୀ, ପୋଲିସ, ଆର୍‌ଟିଓର ଅଧିକାରୀମାନେ ମିଳିତଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛନ୍ତି। ଚଢ଼ାଉରେ ରାଜେଶ କୁମାର ମହାପାତ୍ର (ଏମ୍‌ଭିଆଇ), ଅମିତ କୁମାର ରଣା (ଆସିଷ୍ଟାଣ୍ଟ ଏମଭିଆଇ), ସୁଶାନ୍ତ କୁମାର ପାତ୍ର (ଟ୍ରାଫିକ ଇନ୍ସପେକ୍ଟର) ଏବଂ ଏନ୍‌ଫୋର୍ସମେଣ୍ଟ ଟିମ୍ ସାମିଲ ରହିଥିଲେ। ଚଢ଼ାଉ ସମୟରେ ଟ୍ରାଫିକ ନିୟମ ଉଲ୍ଲଘଂନ କରିଥିବା ଗାଡ଼ି ଚାଳକଙ୍କ ଉପରେ ମାମଲା ରୁଜୁ କରାଯାଇଥିଲା। ବିନା ହେଲ୍‌ମେଟରେ ଗାଡ଼ି ଚଳାଇବା ଅଭିଯୋଗରେ ୨, ଦ୍ରୁତ ଗତି ପାଇଁ ୨୫, ମଦ୍ୟପାନ କରି ଗାଡ଼ି ଚଳାଇବା ଅଭିଯୋଗରେ ୧୧, ଗାଡ଼ି ଚଳାଇବାବେଳେ ମୋବାଇଲ ବ୍ୟବହାର କରିବା ଅଭିଯୋଗରେ ୨ ଏବଂ ଅନ୍ୟାନ୍ୟ ଘଟଣାରେ ୫ଟି ମାମଲା ରୁଜୁ କରାଯାଇଛି। ମୋଟ ୫,୦୮,୩୧୮ଟଙ୍କା ଜରିମାନା କରାଯାଇଥିବାବେଳେ ସେଥିମଧ୍ୟରୁ ୨୯,୪୧୬ ଟଙ୍କା ଆଦାୟ କରାଯାଇଛି। ଏନେଇ ଆର୍‌ଟିଓ ପଟ୍ଟନାୟକଙ୍କ କହିବା ଅନୁସାରେ ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ। ତେଣୁ ନାଗରିକମାନେ ସଡ଼କ ସୁରକ୍ଷାର ନିୟମ ମାନି ଗାଡ଼ି ଚଳାଇ ନିଜ ତଥା ଅନ୍ୟମାନଙ୍କ ଜୀବନ ସୁରକ୍ଷା କରିବାକୁ କହିଛନ୍ତି।

## ସ୍ଥିତିବାନ ଜାଗାରେ ସରକାରୀ ରାସ୍ତା ଭାଙ୍ଗିଲେ ଜାଗା ମାଲିକ



ଯୋଗେଶ୍ୱରପୁର,୪।୫(ରଶ୍ମିରଞ୍ଜନ ସାହୁ):

ନୟାହାଟ ଫାଣ୍ଡି ଅଧୀନ ଇସାଣପୁର ପଞ୍ଚାୟତର କଦମପାଟଣା ଗ୍ରାମରେ ସ୍ଥିତିବାନ୍ ଜାଗାରେ ରାଧା ଦାମୋଦର ମଠକୁ ବ୍ଲକ ପକ୍ଷରୁ ୩ ଲକ୍ଷ ଟଙ୍କା ବିନିମୟରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା ନିର୍ମାଣ କରାଯାଇଥିବା ଜାଗା ମାଲିକ ରାଧୁ ସ୍ୱାଇଁ ରାସ୍ତାକୁ କିଛି ଅଂଶ ଭାଙ୍ଗି ତାଙ୍କ ବାଡ଼ କରିଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ, କୌଣସି ଲୋକଙ୍କ ସ୍ଥିତିବାନ ଜାଗା ଉପରେ ବିନା ଆଦେଶରେ କୌଣସି ସମୂହ ସରକାରୀ କାର୍ଯ୍ୟ ହୋଇପାରିବ ନାହିଁ। ଯେହେତୁ ସ୍ଥିତିବାନ ଜାଗାରେ ରାସ୍ତା ନିର୍ମାଣ କରାଯାଇଛି, ସେଥିପାଇଁ ବିଲ୍ ହୋଇପାରିବ ନାହିଁ ବୋଲି ଗୋପ ବିଡିଓ ଛବିରାଣୀ ସାହୁ କହିଥିଲେ।

# ତୃତୀୟ ପର୍ଯ୍ୟାୟରେ ଆସିଲା ୨୫ ରଥକାଠ

ପୁରୀ ୪।୫( ଅଜିତ୍ ମହାନ୍ତି)



ବଡଦାଣ୍ଡରେ ଶନିବାର ପହଞ୍ଚିଥିବା ତୃତୀୟ ପର୍ଯ୍ୟାୟ ରଥକାଠ ।

ଆସନ୍ତା ଜୁଲାଇ ୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବ। ଶ୍ରୀବିଗ୍ରହମାନେ ରଥାରୂଢ଼ ହୋଇ ଜନ୍ମବେଦୀକୁ ଯାତ୍ରା କରିବେ। ସେହିପରି ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିବେ। ତେଣୁ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ଅକ୍ଷୟ ତୃତୀୟା ତିଥିରେ ରଥକାର୍ଯ୍ୟ ନିର୍ମାଣ ଅନୁକୂଳ ହେବ। ଏହି ପରିପ୍ରେକ୍ଷୀରେ ଶନିବାର ତୃତୀୟ ପର୍ଯ୍ୟାୟ ରଥକାଠ ଆସି ପୁରୀରେ ପହଞ୍ଚିଛି। ଭଞ୍ଜନଗର, ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ବନାଞ୍ଚଳରୁ ଗୋଟିଏ ଟ୍ରକ ଯୋଗେ ୨୫ ଖଣ୍ଡ ରଥକାଠ ଆସିଥିବା ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି। ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ପ୍ରତ୍ୟେକ ବର୍ଷ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ତେବେ ଗତ ବର୍ଷ ୫୩ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତ ବର୍ଷ ୮୧୨ ଖଣ୍ଡ କାଠ ଆବଶ୍ୟକ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୦୨ଖଣ୍ଡ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୪୦ ଫୁଟିଆ ୨୫ ଖଣ୍ଡ ଧଉରା ଓ ଅସନ କାଠ ଆସି ପହଞ୍ଚିଥିଲା। ଏବେ ତୃତୀୟ ପର୍ଯ୍ୟାୟରେ ୨୫ ଖଣ୍ଡ ଧଉରା କାଠ ଆସି ପହଞ୍ଚିଛି। ୨୫ ଖଣ୍ଡ କାଠ ମଧ୍ୟରୁ ୨୨ ଖଣ୍ଡ ୪୦ ଫୁଟିଆ ଧଉରା କାଠ ରହିଥିବା ବେଳେ ୩ ଖଣ୍ଡ ୨୦ ଫୁଟିଆ ଧଉରା କାଠ ରହିଛି। ପର୍ଯ୍ୟାୟ କ୍ରମେ ଆହୁରି ରଥ କାଠ ଆସି ପୁରୀରେ ପହଞ୍ଚିବ ବୋଲି ମେକାପ ସୂଚନା ଦେଇ କହିଛନ୍ତି।

## ପୁରୀ ବକ୍ସିଂ ଏକାଡେମୀ ଛାତ୍ରଙ୍କ କୃତିତ୍ୱ

ପୁରୀ,୪।୫(ଅଜିତ୍ ମହାନ୍ତି)

ପୁରୀ ବକ୍ସିଂ ଏକାଡେମୀ ଛାତ୍ର ଆୟୁଷ୍ମାନ୍ ଭାରତୀ ବାଳକ ସ୍ପୋର୍ଟସ କମ୍ପାନୀ, ୫୮ ଗୋର୍ଖା ଟ୍ରେନିଂ ସେଣ୍ଟର, ହାପି ଭ୍ୟାଲି, ଶିଲଂ-୦୭ରେ ଚୟନ ହୋଇଛନ୍ତି। ଏହା ସ୍ପୋର୍ଟସ ଅଥରିଟି ଅଫ୍ ଇଣ୍ଡିଆ ଦ୍ୱାରା ଚୟନ ଅନୁମୋଦନ ହୋଇଛି। ଆୟୁଷ୍ମାନ୍ ସେଠାରେ ବକ୍ସିଂ କ୍ରୀଡ଼ା ଛାତ୍ରାବାସରେ ରହି ପ୍ରଶିକ୍ଷଣ ନେବେ ଏବଂ ଏହାର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ଏହି ଅବସରରେ ଗୁରୁବାର ଜିଲା କ୍ରୀଡ଼ା ପରିସରରେ ପୁରୀ ବକ୍ସିଂ ଏକାଡେମୀ ପକ୍ଷରୁ ଆୟୁଷ୍ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ରାଜ୍ୟ ଦୌଡ଼କୁଦ ସଂଘର କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ମହମ୍ମଦ ଯୁଗନ, ଗୋପାଳଚନ୍ଦ୍ର ପରିଡ଼ା, ଆଇନଜୀବୀ ବିନାୟକ ମିଶ୍ର, ରଶ୍ମିରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୁଦର୍ଶନ ସାହୁ ଧନ୍ୟବାଦ ଦେଇଥିଲେ।

## ବାଇକ୍-କାର୍ ମୁହାଁମୁହିଁ ଧକ୍କା, ମହିଳା ଗୁରୁତର

ଗୋପ,୪।୫(ଭାରତୀ ଭୂଷଣ ଉପାଧ୍ୟାୟ)

ନାଗପୁର-ନୟାହାଟ ରାସ୍ତାର ଏରବଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଶନିବାର ବାଇକ୍-କାର୍ ମୁହାଁମୁହିଁ ଧକ୍କାରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସମ୍ପୃକ୍ତା ମହିଳା ହେଲେ ଗୋପ ଥାନା ଅଧୀନ ଗିରିମା ଗ୍ରାମର ବିଳାସିନୀ ବାରିକ (୫୫)। ଗୋପ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରି ତଦନ୍ତ କରୁଥିବାବେଳେ ମହିଳା ଜଣଙ୍କ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ କାର୍‌ଚାଳକ ଫେରାର ହୋଇଯାଇଥିବା ପୋଲିସ କହିଛି।

ପ୍ରକାଶ ଯେ, ବିଳାସିନୀ ଅପରାହ୍ନରେ ତାଙ୍କ ଜ୍ୱାଇଁଙ୍କ ସହ ବାଇକ୍ (ଓଡି-୧୩-କେ -୬୭୦୨)ରେ ନିମାପଡ଼ା ଯାଉଥିଲେ। ଅପର ପାର୍ଶ୍ୱରୁ ଆସୁଥିବା ରାମଚଣ୍ଡୀ ଥାନା ଅଧୀନ ସୁତନ ଗ୍ରାମର ଗୋଟିଏ କାର୍ (ଓଡି- ୦୨-ସି-୮୦୧୦) ଉକ୍ତ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ବିଳାସିନୀ କିଛି ବାଟ ଘୋଷାଡ଼ି ହୋଇ ଯାଇଥିଲେ। ତାଙ୍କ ମୁଣ୍ଡ, ଛାତି ସହିତ ଶରୀରର ଅନେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ସଙ୍ଗେ ସଙ୍ଗେ ମହିଳାଙ୍କୁ ଗୋପ ଡାକ୍ତରଖାନାକୁ ଅଣାଯିବା ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ୬ ନମ୍ବର ଡାକ୍ତରଖାନା ପଠାଯାଇଥିଲା। ଖବର ପାଇ ଗୋପ ଥାନା ଏସ୍‌ଆଇ ବିନ୍ଦୁବାସିନୀ ସେଠୀ ଘଟଣାସ୍ଥଳରେ ପହଞ୍ଚି ଥିଲେ।

# ପରଦାକୁ ଆସିବ ବଦ୍ରି ମିଶ୍ରଙ୍କ କାହାଣୀ 'ଆଜିର ରେବତୀ'

ପୁରୀ,୪।୫(ଅଜିତ୍ ମହାନ୍ତି)

କଥାକାର ତଥା ପୁରୀ ନିବାସୀ ବଦ୍ରି ମିଶ୍ରଙ୍କ ଓଡ଼ିଶାର ମୌଳିକ କଥାବସ୍ତୁକୁ ନେଇ କାହାଣୀ 'ଆଜିର ରେବତୀ' ଖୁବ୍‌ଶୀଘ୍ର ଫିଲ୍ମ ନିର୍ମାଣ ହେବାକୁ ଯାଉଛି। ଏହି ଅବସରରେ ମିଶ୍ର କହିଛନ୍ତି, ସାହିତ୍ୟ- ସଂସ୍କୃତିର ପୁରୀରେ ୮୮ବର୍ଷ ତଳେ ଜନ୍ମ ନେଇଥିଲା ଚଳଚ୍ଚିତ୍ର 'ସୀତା ବିବାହ'। ପରେ ପରେ ପୁରୀ ମାଟିରୁ ଶ୍ରୀଶ୍ରୀ ପତିତପାବନ, ସିନ୍ଦୂରବିନ୍ଦୁ, ଚିଲିକା ତୀରେ, ନୀଳମାଧବ ଓ ସାକ୍ଷୀ ରହିଲା ମୋ ସିଂହଦୁଆର ଜନ୍ମ ନେଇଥିଲା। ତେବେ ବର୍ତ୍ତମାନ ଅନ୍ୟ ଭାଷାର ଚଳଚ୍ଚିତ୍ରର ନକଲ କରିକରି ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ବୁଡ଼ିଯାଉଥିବାବେଳେ ଓଡ଼ିଶାର ବିଶିଷ୍ଟ କଥାକାର ବଦ୍ରି ମିଶ୍ରଙ୍କ ଏକ କାହାଣୀକୁ ନେଇ ଆର ଆର ଇଭେଣ୍ଟ ଓ ସିନେ ପ୍ରଡକ୍ସନ ମୁଖ୍ୟ ତଥା ପ୍ରଯୋଜକ ରମେଶ ବାରିକ୍‌ଙ୍କ ଉଦ୍ୟମରେ ସୁଟିଂ ସେଟ୍‌କୁ ଓହ୍ଲାଉଛି ଓଡ଼ିଶାର ମୌଳିକ କଥାବସ୍ତୁକୁ ନେଇ ଚଳଚ୍ଚିତ୍ର 'ଆଜିର ରେବତୀ'। ଓଡ଼ିଆ ଚଳଚ୍ଚିତ୍ରର ନାୟିକା ଶୀତଲ ଏଥିରେ ରେବତୀ ଭୂମିକାରେ ନାରୀଶକ୍ତିର ପ୍ରତୀକ ଭାବେ ଅବତୀର୍ଣ୍ଣ ହେବେ। ଚଳଚ୍ଚିତ୍ରରେ ଓଡ଼ିଶା ବୈଦ୍ୟୁତିକ ଗଣମାଧ୍ୟମର ସଫଳ ବ୍ୟକ୍ତିତ୍ୱ ଶ୍ୟାମାପ୍ରସାଦ ମିଶ୍ର ସଂଳାପ ଲେଖିଥିବାବେଳେ ପୁଷ୍କରା ଫେମ୍ ଶୁଭ୍ରାଂଶୁ ଦାସ ଏହାର ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି। ରେବତୀର ସଫଳତା କାମନା କରି ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ଜନ୍ମମାଟି କପିଳେଶ୍ୱରପୁର ଶାସନରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପ୍ରତିମୂର୍ତ୍ତିରେ ଏହାର ବ୍ୟାନର ଲାଗି ହୋଇଥିବାବେଳେ ରେବତୀର ଲେଖକ କଥାକାର ମିଶ୍ରଙ୍କୁ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ସମ୍ବର୍ଦ୍ଧିତ କରିଥିବା ନେଇ ମିଶ୍ର ସୂଚନା ଦେଇଛନ୍ତି।

## ଯୌତୁକ ପାଇଁ ବଧୂ ହତ୍ୟା

ନିମାପଡ଼ା,୪।୫(ବିଚିତ୍ରାନନ୍ଦ ସାହୁ):

ନିମାପଡ଼ା ଥାନା ଅଧୀନ କୁମ୍ଭାରପଡ଼ା ଗ୍ରାମରେ ଯୌତୁକ ପାଇଁ ଜଣେ ବୋହୂକୁ ଶାଶୁଘର ଲୋକେ ମାଡ଼ ମାରି ଜୀବନରୁ ମାରି ଦେଇଥିବା ଅଭିଯୋଗ ହୋଇଛି। ମୃତା ଜଣକ ହେଲେ ବୈଶାଖୀ ସେଠୀ। ବୈଶାଖୀଙ୍କ ମା' ସରୋଜିନୀ ସେଠୀ ଏନେଇ ଶନିବାର ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ମୃତାଙ୍କ ଘରେ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ବୈଶାଖୀ ଶୁକ୍ରବାର କୌଣସି ଏକ କାରଣରୁ ରାତିରେ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ନିମାପଡ଼ା ମେଡିକାଲ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ହସ୍ପିଟାଲରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ କ୍ୟାପିଟାଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତାଙ୍କ ସ୍ୱାମୀ ବିଜୟ ସେଠୀ, ଶ୍ୱଶୁର କାହ୍ନୁ ସେଠୀ, ନଣନ୍ଦ ଗୋଡୁ ସେଠୀ, ମାଧୁରୀ ସେଠୀ, ଦିଆର ସଞ୍ଜୟ ସେଠୀ, ଦେଢଶୁର ରଜନୀ ସେଠୀ ପ୍ରମୁଖ ବୈଶାଖୀଙ୍କୁ ହତ୍ୟା କରିଥିବା ସରୋଜିନୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଏପ୍ରିଲ ୨୦୨୧ରେ ବିଜୟଙ୍କୁ ବୈଶାଖୀ ବିବାହ କରିଥିଲେ। ପରେ ବାପ ଘରୁ ୫୦ ହଜାର ଟଙ୍କା ଯୌତୁକ ଆଣିବା ଦାବିରେ ଶାଶୁ ଘର ଲୋକେ ତାଙ୍କୁ ଶାରୀରି ଓ ମାନସିକ ନିର୍ଯାତନା ଦେଉଥିଲେ। ଶୁକ୍ରବାର ଏଥିନେଇ ତାଙ୍କୁ ଶାଶୁ ଘର ଲୋକେ ହତ୍ୟା କରିଥିବା ଅଭିଯୋଗ ହୋଇଛି।

# ଅଗଷ୍ଟରେ ଆସିବ ଓଡ଼ିଆ ଚଳଚ୍ଚିତ୍ର 'ଆଶ୍ରମ'

ପୁରୀ,୪।୫(ଅଜିତ୍ ମହାନ୍ତି)

ଅନିସ ଏଣ୍ଟରଟେନ୍‌ମେଣ୍ଟ ପଡକ୍ସନ୍‌ର ତୃତୀୟ ଚଳଚ୍ଚିତ୍ର 'ଆଶ୍ରମ' ମୁକ୍ତିଲାଭ କରିବ। ଉକ୍ତ ଚଳଚ୍ଚିତ୍ରରେ କିମ୍ବଦନ୍ତୀ କଳାକାର ମହେଶ୍ୱତା ରାୟଙ୍କୁ ଦର୍ଶକ ମୁଖ୍ୟ ଭୂମିକାରେ ଦେଖିବାକୁ ପାଇବେ। ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ଗିରି, ସୂର୍ଯ୍ୟମୟୀ, ଶ୍ୱେତା ଆଚାର୍ଯ୍ୟ, ତୁଷାର ଆଚାର୍ଯ୍ୟ, ପ୍ରଶାନ୍ତ ପାତ୍ର, ବିଜୟିନୀ ମିଶ୍ର, କଳ୍ପନା ଏବଂ ବିଶେଷ ଭୂମିକାରେ ଶଙ୍କର ପ୍ରଧାନଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଏଥିରେ ନୂଆ ଯୋଡ଼ି ତନୁଶ୍ରୀ ଏବଂ ସୌମ୍ୟଙ୍କୁ ଦର୍ଶକମାନେ ଦେଖିବାକୁ ପାଇବେ।



ଖବରଦାତା ସମ୍ମିଳନୀରେ ଆଶ୍ରମ ଚଳଚ୍ଚିତ୍ରର ନିର୍ଦ୍ଦେଶକ, ପ୍ରଯୋଜକ ଏବଂ ଅଭିନେତ୍ରୀ ଅଭିନେତା ।

ଉକ୍ତ ସିନେମାରେ ସଂଗୀତ ନିର୍ଦ୍ଦେଶନା ଅଭିଜିତ୍ ମଜୁମଦାର ଦେଇଥିବାବେଳେ ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ। ସତ୍ୟାନନ୍ଦ ନନ୍ଦୀଙ୍କ କାହାଣୀକୁ ନେଇ ଚିତ୍ରନାଟ୍ୟ ଏବଂ ସଂଳାପ ଲେଖିଛନ୍ତି ଦିଲୀପ ଚୌଧୁରୀ। ସେହିପରି ସୁଧାଂଶୁ ମୋହନ ସାହୁ ନିର୍ଦ୍ଦେଶନା ଦେଉଥିବାବେଳେ ପ୍ରଯୋଜନା ଦାୟିତ୍ୱ ନେଇଛନ୍ତି ତପନ କୁମାର ଦାଶ। ଆସନ୍ତା ଅଗଷ୍ଟରେ ଦର୍ଶକମାନେ ଚଳଚ୍ଚିତ୍ର ଆଶ୍ରମ ଦେଖିପାରିବେ ବୋଲି ପ୍ରଯୋଜକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ଛିଣ୍ଡି ଦୋକାନ ଜଳିଗଲା

ଚୌଦ୍ୱାର,୪।୫(ଆଶୁତୋଷ ଦାସ)

ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚୌଦ୍ୱାର ଓଟିଏମ୍ ଛକର ହନୁମାନ ବଜାରରେ ଥିବା ଏକ ଡ୍ରେସ୍ ଦୋକାନ ଜଳିଯାଇଛି। ଶନିବାର ଭୋର ପ୍ରାୟ ୫ଟାରେ ଏକ ହାଇୱା ମାଟି ଖାଲି କରୁଥିଲା। ଏହି ସମୟରେ ହାଇୱାର ପଛ ଡାଲା ନିକଟରେ ଥିବା ୩୩ କେଭି ବିଦ୍ୟୁତ୍ ତାରରେ ଲାଗିଯିବାରୁ ତାହା ଛିଣ୍ଡି ଦୋକାନ ଉପରେ ପଡିଥିଲା। ଫଳରେ ନିଆଁ ଲାଗି ଦୋକାନରେ ଥିବା ଡ୍ରେସ୍ ଓ ଅନ୍ୟ ସାମଗ୍ରୀ ପୋଡିଯାଇଛି। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁର ପ୍ରକୋପରେ ପାଖରେ ଥିବା ଏକ ଫଳ ଦୋକାନର ମଧ୍ୟ ଆଂଶିକ କ୍ଷତି ଘଟିଛି। ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ଲାଗିଥିବା ଏହି ହାଇୱା ବେପରୁଆ ଭାବେ ଚଳାଚଳ କରିବା ଯୋଗୁ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ଦୋକାନୀ ନବୀନ ରାଓଙ୍କୁ ତୁରନ୍ତ ଜାତୀୟ ରାଜପଥ ଅବା ଠିକାସଂସ୍ଥା କ୍ଷତିପୂରଣ ଦେବା ପାଇଁ ସେମାନେ ଦାବି କରିଥିଲେ। ଖବରପାଇ ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସାରଦା ରଞ୍ଜନ ପରିଜା, ଭରତ ଚନ୍ଦ୍ର ସାହୁଙ୍କ ସମେତ ଅନେକ କାଉନସିଲର ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରି ଠିକାସଂସ୍ଥା ସହିତ ଆଲୋଚନା କରାଯିବା ସହିତ ତୁରନ୍ତ ନବୀନଙ୍କୁ ଅର୍ଥରାଶି ପ୍ରଦାନ ଦିଗରେ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଚଢ଼ାଉ ସତ୍ତ୍ୱେ ରୋକିହେଉନି ମଦ କାରବାର

## ଜଙ୍ଗଲରୁ ଜବତ ମଦ, ପୋଚ ନଷ୍ଟ କରାଗଲା

ଖୁଣ୍ଟୁଣୀ,୪।୫(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ବିଭିନ୍ନ ପଞ୍ଚାୟତରେ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଖବର ପାଇବା ପରେ ପୋଲିସ ଚଢ଼ାଉ କରି ମଦ ଓ ପୋଚ ଜବତ କରି ନଷ୍ଟ କରୁଛି। ହେଲେ ଏହି କାରବାରକୁ ସମ୍ପୂର୍ଣ୍ଣ ମାତ୍ରାରେ ରୋକିବାରେ ସଫଳ ହୋଇପାରୁନାହିଁ। ପୋଲିସ ଚଢ଼ାଉ କରିବା ପୂର୍ବରୁ ମଦ ବ୍ୟବସାୟୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଉଛନ୍ତି। କିଛିଦିନ ବ୍ୟବଧାନରେ ପୁଣି ସେମାନେ ମଦ କାରବାର ଚଳାଉଛନ୍ତି।

ଗତ ମାର୍ଚ୍ଚ ୨୩ରେ ଖୁଣ୍ଟୁଣୀ ଥାନା ଅଧୀନ ଡାଳୁଆ ଗ୍ରାମ ନିକଟ ଜଙ୍ଗଲରେ ଅବକାରୀ ବିଭାଗ ଚଢ଼ାଉ କରି ୫ ହଜାର ଲିଟର ଗୁଡ଼ ପୋଚ ନଷ୍ଟ କରିବା ସହିତ ୧୦୦୦ରୁ ଊର୍ଦ୍ଧ୍ୱ ଲିଟର ଦେଶୀ ରନ୍ଧା ମଦ ଜବତ କରିଥିଲା। ଏହି କାରବାରରେ ସମ୍ପୃକ୍ତ ସୁରେନ୍ଦ୍ର ସ୍ୱାଇଁ ଓରଫ ଭୁଟୁରିଙ୍କୁ ଗିରଫ କରି ଆଣୁଥିବାବେଳେ ସ୍ଥାନୀୟ କେତେଜଣ ମହିଳା ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ଗାଡ଼ି



ପୋଲିସ ଜବତ୍ କରିଥିବା ମଦ ଜାରକିନ୍।

ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ୨ ଜଣ ମହିଳାଙ୍କୁ ଗିରଫ କରାଯାଇଥିଲା। ମାର୍ଚ୍ଚ ୨୭ରେ ସ୍ଥାନୀୟ ପୋଲିସ କଂସର ଗ୍ରାମରେ ଚଢ଼ାଉ କରିଥିଲା। ହେଲେ କାହାରିକୁ ଗିରଫ କରିପାରି ନ ଥିଲା। ଶନିବାର ସକାଳ ପ୍ରାୟ ୬ଟାରେ ଖୁଣ୍ଟୁଣୀ ଥାନା ଅଧୀନ କଣ୍ଡରେଇ ଓ ରାଧାକୃଷ୍ଣପୁର ପଞ୍ଚାୟତରେ ପୋଲିସ ଚଢ଼ାଉ କରି ୨୦ ହଜାର ଲିଟର ପୋଚ ଓ ୨୦୦୦ ଲିଟର ଦେଶୀ ମଦ ଜବତ କରିଛି। କଟକର ଅତିରିକ୍ତ ଏସ୍‌ପି କୃଷ୍ଣଚନ୍ଦ୍ର ପଟ୍ଟନାୟକ ଓ ଦେବଦତ୍ତ ବରାଳଙ୍କ ନେତୃତ୍ୱରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ, ଗୁରୁଡିଝାଟିଆ ଆଇଆଇସି ପରେଶ କୁମାର ମହାନ୍ତି, ଏସ୍‌ଆଇ ବିକାଶ ସେଠୀ ପ୍ରମୁଖ ୧ ପ୍ଲାଟୁନ୍ ଫୋର୍ସ ସହିତ କଣ୍ଡରେଇ ଓ ରାଧାକୃଷ୍ଣପୁର ପଞ୍ଚାୟତ ନିକଟ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ମଦ ଆଡ୍ଡା ଉପରେ ଚଢ଼ାଉ କରିଥିଲେ। ଏହା ପୂର୍ବରୁ ମଦ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଫଳରେ ପୋଲିସ କେବଳ ମଦ ଓ ପୋଚ ଜବତ କରିବା ପରେ ଜଙ୍ଗଲ ମଧ୍ୟରେ ଗାତ ଖୋଳି ନଷ୍ଟ କରିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚଢ଼ାଉ ସମ୍ପର୍କରେ ଖବର ପାଇବା ପରେ ମଦ ବ୍ୟବସାୟୀମାନେ ଫେରାର ହୋଇଯାଉଛନ୍ତି। ଫଳରେ ପୋଲିସ ସେମାନଙ୍କୁ ଧରିବାରେ ସଫଳ ହୋଇପାରୁନାହିଁ। ଏ ସମ୍ପର୍କରେ ଖୁଣ୍ଟୁଣୀ ଆଇଆଇସି ଖୁଣ୍ଟିଆ କହିଛନ୍ତି, ଚଢ଼ାଉ ସମ୍ପର୍କରେ କେହି ଖବର ଦେଉଥିବାରୁ ଘଟଣାସ୍ଥଳରୁ ମଦ ବ୍ୟବସାୟୀମାନେ ଖସିଯିବାରେ ସକ୍ଷମ ହେଉଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଠାବ କରାଯାଇ ଗିରଫ କରାଯିବ। ଏଥିସହ ଚୋରା ମଦ କାରବାର ରୋକିବା ପାଇଁ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# କଟକ: ୨ ସ୍ଥାନରେ ଅଗ୍ନିକାଣ୍ଡ



ଅଗ୍ନିକାଣ୍ଡରେ ଜଳୁଥିବା ଘର।

- ଗ୍ୟାସ୍ ଲିକ୍‌ରୁ ଘର ପୋଡ଼ିଗଲା
- ଜଳିଗଲା କୋଷାଗାର ମେନ୍‌ସୁଇଚ୍ ବୋର୍ଡ

କଟକ,୪।୫(ଦିବାକର ସାହୁ)

କଟକର ଦୁଇଟି ସ୍ଥାନରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ କଟକ ଜିଲା କୋଷାଗାରରେ ଅଗ୍ନିକାଣ୍ଡ ଘଟିଥିଲା। ଶର୍ଟ ସର୍କିଟ୍ ଯୋଗୁ ହଠାତ୍ ମେନ୍‌ସୁଇଚ୍ ବୋର୍ଡ ଜଳିଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ତୁରନ୍ତ ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ସେମାନେ ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ ଧରଣର ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିଛି। ଖବରପାଇ କଟକ ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ।

ସେହିପରି ପଟାପୋଲ ଅଞ୍ଚଳର ଏମ୍. ଆପାରାଓଙ୍କ ଘରେ ଗ୍ୟାସ୍ ସିଲିଣ୍ଡର ଲିକ୍ ହେବା ଯୋଗୁ ନିଆଁ ଲାଗି ଘର ଜଳିଯାଇଛି। ଏଥିରେ ଘରର ସାମଗ୍ରୀ ପୋଡିଯାଇଛି। ଅଗ୍ନିକାଣ୍ଡରେ କାହାରି କ୍ଷତି ହୋଇ ନ ଥିବାବେଳେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆପାରାଓଙ୍କ ତିନି ମହଲା ବିଶିଷ୍ଟ ବାସଗୃହର ଉପର ମହଲାରେ ଥିବା ଆଜବେଷ୍ଟସ୍ ରୋଷେଇ ଘରେ ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ କୌଣସି କାରଣରୁ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇଥିଲା। ହଠାତ୍ ନିଆଁ ଲାଗିଯିବାରୁ ଘର ଜଳି ଉଠିଥିଲା। ଏହି ସମୟରେ ସିଲିଣ୍ଡର ଫାଟି ଜୋର୍‌ରେ ଶବ୍ଦ କରିବାରୁ ପଡୋଶୀ ଲୋକମାନେ ଭୟଭୀତ ହୋଇପଡିଥିଲେ। ନିଆଁ ବ୍ୟାପୀ ନିକଟରେ ଥିବା ଏକ ଚାଳ ଘରର କିଛି ଅଂଶ ପୋଡିଯାଇଥିଲା। ଖବରପାଇ କଟକ ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରାୟ ୧ ଘଣ୍ଟା ଧରି ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ। ଗ୍ୟାସ୍ ଲିକ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କଟକ ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା ସୂଚନା ଦେଇଛନ୍ତି।

### ଭାଜପାର ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

କଟକ ସଦର, ୪।୫(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅନ୍ତର୍ଗତ ରାମକୁମାରପୁରଠାରେ ଭାଜପାର ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ ସଦର ଭାଜପା ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ସେଠୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରପ୍ରକାଶ ଜୋଷୀ, ଉପ ସଭାପତି ନରେନ୍ଦ୍ର ଯୋଦ୍ଧା ଓ ମନ୍ତ୍ରୀ ଅବିନାଶ ଗେହେଲଟ ଯୋଗଦେଇଥିଲେ। ବୁଥ୍‌ସ୍ତରରେ କାର୍ଯ୍ୟକର୍ତ୍ତାମାନେ ପରିଶ୍ରମ କରି ଶାସକ ଦଳ ପ୍ରାର୍ଥୀଙ୍କ ବିରୋଧରେ ଜନମତ ସୃଷ୍ଟି କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିଭା ଶତପଥୀ, ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁ, ଅଭୟ ସ୍ୱାଇଁ, ପ୍ରଦୀପ ବେହେରା, ଅକ୍ଷୟ ମହାନ୍ତି, ଜିଲା ଉପସଭାପତି ନିର୍ମଳ ଦାସ, ଯୋଗେନ୍ଦ୍ର ଭୋଇ, ଗୋକୁଳ ଚନ୍ଦ୍ର ପ୍ରଧାନ, ଲିଙ୍ଗରାଜ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

# 'ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ୧ ନମ୍ବର କରାଇବ'



ସମ୍ମିଳନୀରେ ଯୋଗଦେଇଥିବା ସଦସ୍ୟମାନେ।

## ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ

କଟକ, ୪।୫(ଶିଲ୍ପା ପ୍ରିୟଦର୍ଶିନୀ)

କଟକ ସାରଳା ଭବନରେ ଭାଜପା କର୍ମୀ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ଚନ୍ଦ୍ରପ୍ରକାଶ ଜୋଷୀ ଯୋଗଦେଇ କହିଛନ୍ତି, ଆସନ୍ତା ନିର୍ବାଚନ ଓଡ଼ିଶାରେ ପରିବର୍ତ୍ତନ ଆଣିବ। ୧୦ ବର୍ଷରେ ମୋଦୀ ସରକାରଙ୍କ ବିଭିନ୍ନ ଯୋଜନା ଭାରତର ଅର୍ଥନୀତିକୁ ବିଶ୍ୱ ମାନଚିତ୍ରରେ ୫ମ ସ୍ଥାନରେ ପହଞ୍ଚାଇଛି। ଏବେ ଓଡ଼ିଶାର ବିକାଶ ଧାରାକୁ ଦେଶରେ ଏକ ନମ୍ବର ସ୍ଥାନରେ ପହଞ୍ଚାଇବା ପାଇଁ ହେଲେ ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ ହେବ। ଡବଲ ଇଞ୍ଜିନ ସରକାର ଓଡ଼ିଶାର ବିକାଶଧାରାକୁ ଏକ ନମ୍ବର କରାଇବ ବୋଲି ସେ କହିଛନ୍ତି। ସେହିପରି ଭାଜପା କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ କହିଛନ୍ତି, ଓଡ଼ିଶା ଅସ୍ମିତା ହେବ ନିର୍ବାଚନର ମୂଳ ପ୍ରସଙ୍ଗ। ଦୁର୍ନୀତିରେ ସମ୍ପୃକ୍ତି ଥାଇ ମଧ୍ୟ ବହୁ ନେତାଙ୍କ ମନରେ ଡର ନୁହେଁ ବରଂ ଗର୍ବ ରହିଛି। ସେମାନଙ୍କୁ ପ୍ରକୃତରେ ଓଡ଼ିଶା ଅସ୍ମିତାର ଅର୍ଥ ଜଣା ନାହିଁ ବୋଲି ସେ କହିଛନ୍ତି। ଏହି ସମ୍ମିଳନୀରେ ଭାଜପା ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ମନ୍ତ୍ରୀ ସମୀର ଦେ, ରାଜସ୍ଥାନ ଭାଜପା ନେତା ନରସିଂହ ଯୋଦ୍ଧା, ଅବିନାଶ ଗେହଲଟ, କର୍ପୋରେଟର ଲକ୍ଷ୍ମୀଧର ବେହେରା, ଲୋକ ସଭା ସଂଯୋଜକ ସୁକାନ୍ତ କୁମାର ବିଶ୍ୱାଳ, ବିବେକ ପଟ୍ଟନାୟକ, ମୃତ୍ୟୁଞ୍ଜୟ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

### ନିର୍ବାଚନରେ ପ୍ରଚାର ପାଇଁ କର୍ମୀଙ୍କୁ ଗୁରୁମନ୍ତ୍ର

**ବିଜେଡିର ପ୍ରସ୍ତୁତି ବୈଠକ**

ତିଗିରିଆ,୪।୫(ଜାଫର ଖାଁ)

ତିଗିରିଆ ବ୍ଲକ ବିଜେଡି କାର୍ଯ୍ୟାଳୟରେ ସାଧାରଣ ନିର୍ବାଚନରେ ପ୍ରଚାର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ତିଗିରିଆ ବ୍ଲକ ବିଜେଡି ସଭାପତି ଅଜିତ ଧୀର ସଭାପତିତ୍ୱ କରିଥିଲେ। ବୈଠକରେ ଆଠଗଡ ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଜେଡି ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ, ଶୋଭେନ ମିଶ୍ର ପ୍ରମୁଖ ଯୋଗଦେଇ ଦଳୀୟ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ବିଧାୟକ ପ୍ରାର୍ଥୀ ସ୍ୱାଇଁ ଓ କଟକ ଲୋକସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କ ପ୍ରଚାରରେ ସହଯୋଗ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ବୈଠକରେ ତିଗିରିଆ ବ୍ଲକ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ପୂର୍ବତନ ତିଗିରିଆ ବ୍ଲକ ସମିତି ଅଧ୍ୟକ୍ଷା ରୂପା ଦଳେଇ, ପୂର୍ବତନ ଅଧ୍ୟକ୍ଷ ଭାଗୀରଥି ନନ୍ଦଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ।

# ଜୀବନରେ ସ୍ୱଚ୍ଛତା ଆବଶ୍ୟକ




କାର୍ଯ୍ୟକ୍ରମରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ଅନ୍ୟମାନେ।

କଟକ,୪।୫(ଶିଳ୍ପା ପ୍ରିୟଦର୍ଶିନୀ)

ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଶନିବାର ସଫେଇ କାର୍ଯ୍ୟକ୍ରମ କରିଛନ୍ତି। ଏଥିସହ 'ମୋ କଟକ-ସ୍ୱଚ୍ଛ କଟକ' ବାର୍ତ୍ତା ଦେଇ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ଶିଶୁ ଭବନ ପ୍ରସ୍ଥାନ ଗେଟ୍ ନିକଟ ଓ ହାଇକୋର୍ଟ ଗେଟ୍ ସମ୍ମୁଖ ରିଂବନ୍ଧରେ ଏହି ସଫେଇ କାର୍ଯ୍ୟ କରାଯାଇଛି। ଏନେଇ ସଂତୃପ୍ତ କହିଛନ୍ତି, ସ୍ୱଚ୍ଛତା ଜୀବନରେ ନିହାତି ଆବଶ୍ୟକ। ନିଜ ପରିବେଶକୁ ସ୍ୱଚ୍ଛ ରଖିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

# ବିଜେଡିରେ ମିଶିଲେ କଂଗ୍ରେସ, ଭାଜପା କର୍ମୀ

ସାଲେପୁର,୪।୫(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଶିଶୁଆ ବିଜେଡି କାର୍ଯ୍ୟାଳୟରେ ନରଦା ପଞ୍ଚାୟତର ବହୁ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ଜେନାଙ୍କ ନେତୃତ୍ୱରେ ଓ ସାଲେପୁର ବିଧାନସଭାର ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ନରଦା ପଞ୍ଚାୟତ ହରିପୁର ଗ୍ରାମର ଗଣେଶ୍ୱର ସାହୁ, ବିଭୂତିଭୂଷଣ ଦାସ, ଭାସ୍କର ମହାନ୍ତି, ପ୍ରଶାନ୍ତ ମହାନ୍ତି, ସୁରେଶ ମୁଦୁଲି, ଚନ୍ଦନ ସାହୁ, ନାନପୁର ଗ୍ରାମର ମୁରଲୀଧର ବେହେରା, କୈଳାସ କାଣ୍ଡି, ନୃସିଂହ ମଲ୍ଲିକ, କୁଅଁରପୁର ଗ୍ରାମର ତାପସ ମଲ୍ଲିକ, ବିଷ୍ଣୁଚରଣ ଲେଙ୍କା, ପ୍ରଭାତ ନାୟକ, ସଜୁ ନାୟକଙ୍କ ସମେତ ବହୁ କଂଗ୍ରେସ ଓ ଭାଜପା କର୍ମୀ ବିଧାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ। ନୂତନ ଭାବେ ସାମିଲ ହୋଇଥିବା କର୍ମୀମାନଙ୍କୁ ବିଧାୟକ ବେହେରା ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ନରଦା ପଞ୍ଚାୟତ ସରପଞ୍ଚ ଚିରଞ୍ଜନ ସେଠୀ, ବିଜେଡି ପଞ୍ଚାୟତ ଯୁବ ସଭାପତି ସୁରେଶ ଚନ୍ଦ୍ର ବାରିକ, ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଚିତ୍ରକଳା ପ୍ରଦର୍ଶନୀ



କଟକ,୪।୫(କାର୍ତ୍ତିକ ସାହୁ)

ଆଧୁନିକ ଯୁବପିଢ଼ିର ଚିନ୍ତା ଓ ଚେତନା କେଉଁସବୁ ଜିନିଷକୁ ପ୍ରାଧାନ୍ୟ ଦିଏ, ତାହାକୁ ରଙ୍ଗତୂଳୀରେ ପ୍ରଦର୍ଶିତ କରିବାରେ ସଫଳ ହୋଇଛନ୍ତି ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କଳା, ଯୋଗାଯୋଗ ଏବଂ ଇଣ୍ଡିଷ୍ଟ୍ରିଜ୍ (ଫାସିସ)ବିଭାଗର ଦୁଇ ଛାତ୍ରୀ ସାଗରିକା ସରକାର ଓ ପ୍ରିୟମ୍ବଦା ଛେତ୍ରୀ। ବିଶ୍ୱବିଦ୍ୟାଳୟର ଫାଇନ୍ ଆର୍ଟ କ୍ଲବ ସହଯୋଗରେ ଆୟୋଜିତ ଦୁଇ ଦିନିଆ ଚିତ୍ରକଳା ପ୍ରଦର୍ଶନୀ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ସାଗରିକାଙ୍କ କଳାକୃତିରେ ଦେଖିବାକୁ ମିଳିଥିଲା ସମକାଳୀନ ମାନବ ଜୀବନ ସାମ୍ନା କରୁଥିବା ବିଭିନ୍ନ ଚାପ। ଏହାର ବିପରୀତ ପ୍ରିୟମ୍ବଦାଙ୍କ କାନ୍‌ଭାସରେ ସ୍ଥାନ ପାଇଥିଲା। ବିଭିନ୍ନ ସାମାଜିକ ଅପହରଣ, ତାହା ଜମି ହେଉ ଅବା ନାରୀର ଶରୀର। ବର୍ତ୍ତମାନ ବ୍ୟକ୍ତିତ୍ୱର ଦ୍ରୁତ ସାମାଜିକ ସ୍ଖଳନ ଏଥିରେ ସ୍ପଷ୍ଟ ପରିଲକ୍ଷିତ ହୋଇଛି। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଫାସିସ ବିଭାଗ ଅନ୍ତର୍ଗତ ଚିତ୍ରକଳା ବିଭାଗର ସହକାରୀ ପ୍ରାଧ୍ୟାପକ ତାରକନାଥ ଦାସ ଯୋଗଦେଇ କହିଛନ୍ତି, ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର କେବଳ ପାରମ୍ପରିକ ଚିତ୍ରକଳାରେ ଧ୍ୟାନକୈନ୍ଦ୍ରିକ ନ କରି ଆଧୁନିକ ଓ ସମକାଳୀନ କଳାକୁ ନିଜ କଳାକୃତିରେ ସ୍ଥାନ ଦେଇଛନ୍ତି। ଏହା କେବଳ କଳାକୃତିର ପ୍ରଦର୍ଶନୀ ନୁହେଁ, ସାମାଜିକ ଅସ୍ତିତ୍ୱର ଜଟିଳତାକୁ ମଧ୍ୟ ପ୍ରଦର୍ଶିତ କରିବାରେ ସଫଳ ହୋଇଛି। ଏହି ପ୍ରଦର୍ଶନୀକୁ ଛାତ୍ରୀଛାତ୍ରମାନେ ବୁଲି ଦେଖିଥିଲେ।

# ୬ଷ୍ଠ ଦିନରେ ୫ ପ୍ରାର୍ଥୀପତ୍ର ଦାଖଲ

କଟକ, ୪।୫(ଶିଳ୍ପା ପ୍ରିୟଦର୍ଶିନୀ)

ଆସନ୍ତା ନିର୍ବାଚନ ପାଇଁ ସରଗରମ ହୋଇଛି କଟକ ରାଜନୀତି। ଇତିମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ଶନିବାର ଷଷ୍ଠ ଦିନରେ ୫ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କଂଗ୍ରେସର କଟକ ଲୋକ ସଭା ପ୍ରାର୍ଥୀ ସୁରେଶ ମହାପାତ୍ର କଟକ ଚୌଧୁରୀ ବଜାରସ୍ଥିତ ଗୌରୀଶଙ୍କର ପାର୍କ ନିକଟରୁ ଦଳୀୟ କର୍ମୀଙ୍କ ସହିତ ପଦଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲାପାଳ ତଥା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆଙ୍କ ନିକଟରେ ସେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ପରେ ଲୋକ ସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଶୋଭା ପାଣ୍ଡେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଅପରପକ୍ଷରେ ଆମ୍ ଆଦ୍‌ମୀ ପାର୍ଟି(ଆପ୍)ର ଚୌଦ୍ୱାର-କଟକ



ଲୋକ ସଭା ପ୍ରାର୍ଥୀ ସୁରେଶ ମହାପାତ୍ର ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

ବିଧାନସଭା ପ୍ରାର୍ଥୀ ବିଜୟଲକ୍ଷ୍ମୀ ମହାପାତ୍ର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବାରବାଟୀ-କଟକ ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ପ୍ରଶାନ୍ତ କୁମାର ରାଉତ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଅନ୍ୟ ଜଣେ ସ୍ୱାଧୀନ ପ୍ରାର୍ଥୀ ମୁସ୍‌ତାକ୍ ଅଲ୍ଲୀ ବାରବାଟୀ-କଟକ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଲୋକ ସଭା ଆସନ ପାଇଁ ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିବା ଶୋଭା ପାଣ୍ଡେ ବାରବାଟୀ-କଟକ ଓ ଚୌଦ୍ୱାର-କଟକ ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

### ଲଢ଼େଇ ଏକତରଫା ହେବ: ସୁରେଶ

ଆସନ୍ତା ନିର୍ବାଚନରେ ଲଢେଇ କିଭଳି ହେବ ତାହା ଶନିବାର ପ୍ରାର୍ଥୀପତ୍ର ଦାଖଲ ସମୟର ଦୃଶ୍ୟରୁ ଜଣାପଡିଛି। ଲଢେଇ ନିର୍ଣ୍ଣାୟକ ହେବ ଏବଂ ଏକପାଖିଆ ହେବ। ଭାଜପା ଓ ବିଜେଡି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ। କଂଗ୍ରେସ ସରକାର ଗଢିଲେ ଓଡ଼ିଶାରେ ପରିବର୍ତ୍ତନ ହେବ ବୋଲି କଂଗ୍ରେସର କଟକ ଲୋକ ସଭା ପ୍ରାର୍ଥୀ ସୁରେଶ ମହାପାତ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ସମେତ ଦଳୀୟ କର୍ପୋରେଟର ଓ କର୍ମୀମାନେ ଉପସ୍ଥିତ ଥିଲେ।

## ଲୋକ ସଭା ପ୍ରାର୍ଥୀ ସୁରେଶ ମହାପାତ୍ରଙ୍କ ଆୟ ୧,୯୮,୭୨୦ ଟଙ୍କା

କଟକ,୪।୫(କାର୍ତ୍ତିକ ସାହୁ)

କଟକ ଲୋକ ସଭା ଆସନ ପାଇଁ ଶନିବାର ପ୍ରାର୍ଥୀପତ୍ର ଦାଖଲ କରିଥିବା କଂଗ୍ରେସ ପ୍ରାର୍ଥୀ ସୁରେଶ ମହାପାତ୍ରଙ୍କ ନାମରେ ୨ଟି ଆପରାଧିକ ମାମଲା ବିଚାରାଧୀନ ରହିଛି। ସେ କୌଣସି ମାମଲାରେ ଦଣ୍ଡିତ ହୋଇନାହାନ୍ତି। ୨୦୨୨-୨୩ ଆର୍ଥିକବର୍ଷରେ ତାଙ୍କର ଆୟ ୧,୯୮,୭୨୦ ଟଙ୍କା ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଏବଂ ପରିବାରର ଅନ୍ୟ ସଦସ୍ୟଙ୍କର କୌଣସି ରୋଜଗାର ନ ଥିବା ସେ ସତ୍ୟପାଠରେ ଦର୍ଶାଇଛନ୍ତି। ତାଙ୍କର କୌଣସି ସ୍ଥାବର ସମ୍ପତ୍ତି ନ ଥିବାବେଳେ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୨୦ ଲକ୍ଷ ଟଙ୍କା। ସେହିପରି ତାଙ୍କ ସ୍ତ୍ରୀଙ୍କର ସ୍ଥାବର ସମ୍ପତ୍ତିର ବର୍ତ୍ତମାନ ବଜାର ମୂଲ୍ୟ ୮୦ ଲକ୍ଷ ଟଙ୍କା ହୋଇଥିବାବେଳେ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୫ ଲକ୍ଷ ଟଙ୍କା। ଏଥିସହ ଜଣେ ସଦସ୍ୟଙ୍କ ଅସ୍ଥାବର ସମ୍ପତ୍ତି ୪ ଲକ୍ଷ ଓ ଅନ୍ୟ ଜଣଙ୍କର ଅସ୍ଥାବର ସମ୍ପତ୍ତି ୨ ଲକ୍ଷ ଟଙ୍କା। ତାଙ୍କର କିମ୍ବା ପରିବାର ସଦସ୍ୟଙ୍କର କୌଣସି ବ୍ୟାଙ୍କ ବା ଆର୍ଥିକ ସଂସ୍ଥାରେ ଋଣ ନାହିଁ। ସେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ବି.ଏ., ଏଲ୍.ଏଲ୍.ବି. ସର୍ବୋଚ୍ଚ ଯୋଗ୍ୟତା ହାସଲ କରିଛନ୍ତି।

